ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 https://voiceofvictimsepaper.in Weekly Multilingual Rs - 5.00

ଭାଗ: ୩, ସଂଖ୍ୟା: ୫୦, ଭୁବନେଶ୍ୱର, ନଭେମ୍ବର ୨ - ନଭେମ୍ବର ୮, ୨୦୨୬, Vol: 3, Issue: 50, Bhubaneswar, Nov.. 2 - Nov. 8, 2026 Pages- 8

ପୃଷ୍ଠା ୪ ସମ୍ପାଦକୀୟ : ନନାଙ୍କ ପାଇଖାନା

ପୃଷ୍ଠା ୮ ଇଭି ଚାର୍ଜିଂକୁ ନେଇ...

ରଣପୁର ରାଜନୀତି

● ରାଜସୁନାଖଳା ୨୨ ନଂ ଜିଲ୍ଲା ପରିଷଦ ଜୋନ୍‌ରେ ରାଜନୈତିକ ଅଙ୍କକଷା ଆରମ୍ଭ

● ବିଜେପିରେ ଗୋଷ୍ଠୀ କନ୍ଦଳ, ବିଜେଡିରେ କାଳୁଙ୍କ ଅନିଚ୍ଛା ! ବଳ ଗୋଟାଇବା ସହ ପ୍ରାର୍ଥୀ ଖୋଜୁଛି କଂଗ୍ରେସ

● ମହିଳାଙ୍କ ପାଇଁ ଆସନ ସଂରକ୍ଷିତ ହେବା ନେଇ ଚର୍ଚ୍ଚା; ଆସନ ଉପରେ ବ୍ଲକ୍ ଅଧ୍ୟକ୍ଷା ନିର୍ମଳାଙ୍କ ନଜର

ରଣପୁର (ଭିଓଭି) : ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଣପୁର ବ୍ଲକ୍‌ର ୨୨ ନଂ ଜିଲ୍ଲା ପରିଷଦ ଜୋନ୍‌କୁ ନେଇ ଏବେଠାରୁ ରାଜନୈତିକ ଅଙ୍କକଷା ଆରମ୍ଭ ହୋଇଗଲାଣି। ଏହି ଜୋନ୍‌ରେ ରାଜସୁନାଖଳା, ସୁର୍କାବାଡ଼ି, କାସନ୍ଦା, ବୃନ୍ଦାବନପୁର, ଲୋଧାଟୁଆ, ଖଇରପଲ୍ଲୀ, କୁଳାସର, ନରେନ୍ଦ୍ରପୁର, ଗଡ଼ବାଣିକିଲୋ ଓ ତାଳକଣି ଆଦି ୧୦ଟି ପଞ୍ଚାୟତ ରହିଛି। ଗତ ୨୦୨୨ ନିର୍ବାଚନରେ ଏହି ଆସନଟି ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ସେତେବେଳେ ଶାସକ ବିଜେଡି ପକ୍ଷରୁ ବରିଷ୍ଠ ନେତା ଦେବାଶିଷ ପଟ୍ଟନାୟକ (କାଳୁ), ବିଜେପି ପକ୍ଷରୁ ମହେନ୍ଦ୍ର କୁମାର ସାହୁ (ମାହି), କଂଗ୍ରେସ ପକ୍ଷରୁ ସାରଦା ପ୍ରସନ୍ନ ସୁବୁଦ୍ଧି ଏବଂ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ କବିରାଜ ପ୍ରଧାନ ପ୍ରାର୍ଥୀ ହୋଇଥିଲେ। ଗତ ନିର୍ବାଚନରେ ମୁଖ୍ୟତଃ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଏଥିରେ ବିଜେଡି ପ୍ରାର୍ଥୀ ଦେବାଶିଷ ପଟ୍ଟନାୟକ ୩ ହଜାରରୁ ଊର୍ଦ୍ଧ୍ୱ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। ଏହି ଜୋନ୍‌ରେ ପ୍ରାୟ ୩୩ ହଜାର ଭୋଟର ଥିବାବେଳେ ଦେବାଶିଷ ପ୍ରାୟ ୧୫ ହଜାର, ବିଜେପିର ମହେନ୍ଦ୍ର ସାହୁ ପ୍ରାୟ ୧୨ ହଜାର ଏବଂ କଂଗ୍ରେସର ସାରଦା ପ୍ରସନ୍ନ ସୁବୁଦ୍ଧି ପ୍ରାୟ ୩ ହଜାର ଭୋଟ୍ ପାଇଥିଲେ। ପରବର୍ତ୍ତୀ ସମୟରେ ନିର୍ବାଚିତ ସଭ୍ୟ ଦେବାଶିଷ ନୟାଗଡ଼ ଜିଲ୍ଲା ପରିଷଦର ଅଧ୍ୟକ୍ଷ ହୋଇଥିଲେ। ଫଳରେ ରାଜସୁନାଖଳା ଜୋନ୍‌ର ରାଜନୈତିକ ଗୁରୁତ୍ୱ ଆହୁରି ବଢ଼ିଯାଇଥିଲା। ଏଥର ମହିଳା ସଂରକ୍ଷଣକୁ ନେଇ ଚର୍ଚ୍ଚା ବଢ଼ିଲାଣି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଗାମୀ ନିର୍ବାଚନରେ ଏହି ଆସନଟି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇପାରେ। ଯଦିଓ ଏ ନେଇ ଆନୁଷ୍ଠାନିକ ଘୋଷଣା ହୋଇନାହିଁ, ତଥାପି ସମ୍ଭାବ୍ୟ ସଂରକ୍ଷଣକୁ ଆଖିରେ ରଖି ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ମହିଳା ପ୍ରାର୍ଥୀ ଖୋଜା ଓ ଦଳୀୟ ଅଙ୍କକଷା ଆରମ୍ଭ ହୋଇଯାଇଛି।



ବିଜେପିରେ ବଢୁଥିବା ଗୋଷ୍ଠୀ କନ୍ଦଳ ଯୋଗୁଁ ପ୍ରାର୍ଥୀ ଚୟନକୁ ନେଇ ଦ୍ୱନ୍ଦ୍ୱ ଉପୁଜିବା ସମ୍ଭାବନା ଦେଖାଗଲାଣି। ପ୍ରଥମେ ବର୍ତ୍ତମାନର ଶାସକ ଦଳ ବିଜେପିର ସ୍ଥିତି ଉପରେ ନଜର ପକାଇବା। ରଣପୁର ବିଜେପିରେ ସାଂସଦ ଓ ବିଧାୟିକାଙ୍କୁ କେନ୍ଦ୍ର କରି ଦୁଇଟି ପ୍ରମୁଖ ଗୋଷ୍ଠୀ ରହିଥିବା ଚର୍ଚ୍ଚା ହୁଏ। ବିଭିନ୍ନ ସ୍ତରରେ ଏହି ଗୋଷ୍ଠୀ ମଧ୍ୟରେ ମତଭେଦ ଓ ଟଣାଓଟରା ମଧ୍ୟ ଦେଖିବାକୁ ମିଳୁଛି। ଗତଥର ଏହି ଜୋନ୍‌ରୁ ବିଜେପି ପ୍ରାର୍ଥୀ ହୋଇଥିବା ରାଜସୁନାଖଳାର ମହେନ୍ଦ୍ର ସାହୁ (ମାହି) ବର୍ତ୍ତମାନ ଗୋଷ୍ଠୀ କନ୍ଦଳଠାରୁ ଦୂରେଇ ରହି ପ୍ରାୟ ନିଷ୍କ୍ରିୟ ହୋଇପଡ଼ିଥିବା ଚର୍ଚ୍ଚା ହେଉଛି। ତେଣୁ ଦଳ ତାଙ୍କୁ ପୁନର୍ବାର ପ୍ରାର୍ଥୀ କରିବାର ସମ୍ଭାବନା କମ୍ ବୋଲି ଆକଳନ କରାଯାଉଛି। ଅନ୍ୟପକ୍ଷରେ କାସନ୍ଦା ପଞ୍ଚାୟତର ବିଜେପି ସମର୍ଥିତ ସରପଞ୍ଚ ପ୍ରଜ୍ଞାଞ୍ଜଳି ଛୋଟରାୟଙ୍କ ନାମ ମଧ୍ୟ ସମ୍ଭାବ୍ୟ ପ୍ରାର୍ଥୀ ଭାବେ ଚର୍ଚ୍ଚାକୁ ଆସୁଛି। ସେହିପରି ବିଧାୟିକା ତଥା ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କ ଅତ୍ୟନ୍ତ ଘନିଷ୍ଠ କର୍ମୀ ଲୋଧାଟୁଆ ପଞ୍ଚାୟତର ଜୟନ୍ତ ନାୟକ (ପାଗୁଲୁ)ଙ୍କ ପତ୍ନୀଙ୍କ ନାମକୁ ନେଇ ମଧ୍ୟ ଦଳୀୟ ମହଲରେ ଆଲୋଚନା ଚାଲିଛି। ତେବେ ବିଜେପିରେ ସାଂସଦ ସମର୍ଥିତ ଗୋଷ୍ଠୀର ପ୍ରଭାବ ଅଧିକ ରହିବା ନେଇ ଚର୍ଚ୍ଚା ହେଉଥିବାରୁ ଏହି ଜୋନ୍‌ରେ ଆଉ ଜଣେ ମହିଳା ନେତ୍ରୀଙ୍କ ନାମ ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରଣପୁର ବ୍ଲକ୍‌ର ବର୍ତ୍ତମାନର ଅଧ୍ୟକ୍ଷା ତଥା ଜିଲ୍ଲା ବିଜେପି ସଭାପତି ତାପସ ମାର୍ଥାଙ୍କ ପତ୍ନୀ ନିର୍ମଳା ବେହେରା ଏହି ଆସନ ଉପରେ ନଜର ରଖିଛନ୍ତି। ଏଥିପାଇଁ ସେ ନିଜର ପ୍ରସ୍ତୁତି ମଧ୍ୟ ଜୋରଦାର କରିଥିବା ଚର୍ଚ୍ଚା ହେଉଛି। ନିର୍ମଳାଙ୍କ ନିଜ ପଞ୍ଚାୟତ ଚାନ୍ଦପୁର ଅଞ୍ଚଳରେ ହୋଇଥିଲେ ମଧ୍ୟ ସେ ଏଥର ପଞ୍ଚାୟତ ସମିତି ନିର୍ବାଚନ ଲଢ଼ିବାକୁ ଆଗ୍ରହୀ ନଥିବା ଜଣାପଡ଼ିଛି। ବରଂ ରାଜନୀତିରେ ଆଉ ଏକ ପାଦ ଆଗକୁ ବଢ଼ାଇ ପ୍ରଥମଥର ପାଇଁ ଦଳୀୟ ଚିହ୍ନରେ ଜିଲ୍ଲା ପରିଷଦ ନିର୍ବାଚନ ଲଢ଼ିବାକୁ ସେ ମନସ୍ଥ କରିଥିବା କୁହାଯାଉଛି। ଯଦି ନିର୍ମଳାଙ୍କୁ ସାଂସଦ ସମର୍ଥିତ ପ୍ରାର୍ଥୀ ଭାବେ ଦଳ ମଇଦାନକୁ ଓହ୍ଲାଏ, ତେବେ ବିଧାୟିକା ସୁରମା ପାଢ଼ୀଙ୍କ ଗୋଷ୍ଠୀର ଆଶାୟୀ ପ୍ରାର୍ଥୀଙ୍କ ରାଜନୈତିକ ସମୀକରଣ ବିଗିଡ଼ିପାରେ। ଫଳରେ ପ୍ରାର୍ଥୀ ଚୟନକୁ ନେଇ ଦଳ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଆହୁରି ବଢ଼ିବାର ସମ୍ଭାବନା ରହିଛି।

ବିଜେଡିରେ କାଳୁଙ୍କ ଅନିଚ୍ଛା ହେତୁ ଦଳ ମହିଳା ପ୍ରାର୍ଥୀ ଦେବା ପାଇଁ ପ୍ରାର୍ଥୀ ଖୋଜା ଜାରି ରଖିଛି। ବିଜେଡିର ସମ୍ଭାବ୍ୟ ମହିଳା ପ୍ରାର୍ଥୀଙ୍କୁ ନେଇ ମଧ୍ୟ ଦଳୀୟ ମହଲରେ ଆଲୋଚନା ଜୋର ଧରିଛି। ପ୍ରଥମେ ବର୍ତ୍ତମାନର ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ପଟ୍ଟନାୟକଙ୍କ ପତ୍ନୀଙ୍କ ନାମ ଚର୍ଚ୍ଚାକୁ ଆସୁଛି। ତେବେ ସେ ଜଣେ ସରକାରୀ କର୍ମଚାରୀ ହୋଇଥିବାରୁ ଚାକିରି ଛାଡ଼ି ନିର୍ବାଚନ ଲଢ଼ିବେ କି ନାହିଁ, ତାହା ଏବେ ବଡ଼ ପ୍ରଶ୍ନ। ଦ୍ୱିତୀୟ ସମ୍ଭାବ୍ୟ ପ୍ରାର୍ଥୀ ଭାବେ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)



ମୁଖ୍ୟ ସ୍ତମ୍ଭ

ଆତ୍ମନିର୍ଭରଶୀଳତା, ପରିଶ୍ରମ ଓ ଅପବ୍ୟୟ

ପ୍ରତ୍ୟେକ ସପ୍ତାହରେ ମୁଖ୍ୟ ସ୍ତମ୍ଭରେ ମୁଁ ବିଭିନ୍ନ ଲେଖା ଲେଖୁଛି। ସଚେତନତାଧର୍ମୀ ଲେଖା ଅଧିକ ଲେଖୁଛି ବୋଲି କିଛି ଶୁଭେଚ୍ଛୁ ଫୋନ୍ କରି କହୁଛନ୍ତି। ସେଥିପାଇଁ ବେଳେ ବେଳେ ନିଜକୁ ଏକଥା ପଚାରିବାକୁ ଇଚ୍ଛାହୁଏ ଆଲେଖ୍ୟ ମାଧ୍ୟମରେ ଲୋକଙ୍କୁ ସଚେତନା ବାଣ୍ଟୁଥିବା ଲୋକଟି ନିଜେ କେତେ ଆତ୍ମସଚେତନ। ଦୁଇଟି ଲୋକବାଣୀ, 'ଚେଇଁ ଶୋଇଥିବ ଯିଏ, ତାକୁ ଉଠେଇବ କିଏ ?' ଏବଂ 'କଷ୍ଟ କଲେ କୃଷ୍ଣ ମିଳେ', ସଚେତନ କଥାକୁ ଭଲରେ ବୁଝାଇ ଦେଇପାରିବ, କାରଣ ଏଥିରେ ଜୀବନର ଅନେକ ମୂଲ୍ୟବାନ ଶିକ୍ଷା ଲୁଚି ରହିଛି। ମଣିଷ ତା' ଜୀବନରେ ସଫଳତା ପାଇବାକୁ ହେଲେ ଆଳସ୍ୟ ତ୍ୟାଗ କରିବା ସହିତ ପରିଶ୍ରମ, ଧୈର୍ଯ୍ୟ ଓ ଆତ୍ମବିଶ୍ୱାସକୁ ଆପଣାଇବା ନିତାନ୍ତ ଆବଶ୍ୟକ। ଖାଲି ଭାଗ୍ୟକୁ ଦୋଷ ଦେଇ କିମ୍ବା ଅନ୍ୟର ସାହାଯ୍ୟକୁ ଅପେକ୍ଷା କରି ରହିଲେ ଜୀବନରେ ଜମା ଆଗକୁ ବଢ଼ିବା ସମ୍ଭବ ନୁହେଁ। ସୁତରାଂ ଯିଏ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ନୁହେଁ, ନିଜ ଲକ୍ଷ୍ୟ ହାସଲ ପାଇଁ ଉଦ୍ୟମ କରେ ନାହିଁ, ତାକୁ ଉଠାଇବାକୁ କିମ୍ବା ତା'ର ଭାଗ୍ୟ ବଦଳାଇବାକୁ ଅନ୍ୟ କେହି ଆସିବେ ନାହିଁ। ଜୀବନରେ ପ୍ରତ୍ୟେକ ମଣିଷକୁ ନିଜ ଦାୟିତ୍ୱ ନିଜେ ବୁଝିବାକୁ ପଡ଼େ। ମନେରଖିବା ଉଚିତ, ସୁଯୋଗ ଆପେ ଆପେ ଆସି ହାତରେ ଧରାଦିଏ ନାହିଁ; ପରିଶ୍ରମ ଓ ନିରବଚ୍ଛିନ୍ନ ଉଦ୍ୟମ ଦ୍ୱାରା ସୁଯୋଗକୁ ସଫଳତାରେ ପରିଣତ କରିହୁଏ। ସେହିପରି, 'କଷ୍ଟ କଲେ କୃଷ୍ଣ ମିଳେ' ବୋଲି କୁହାଯାଏ। ଏଠାରେ କଷ୍ଟର ଅର୍ଥ ଯନ୍ତ୍ରଣା ନୁହେଁ ଏହାକୁ ନିଷ୍ଠାପର ଉଦ୍ୟମ, ତ୍ୟାଗ ଓ ଅଧ୍ୟବସାୟ ଅର୍ଥରେ ବୁଝିବାକୁ ହୁଏ। ଜଣେ ଚାଷୀ ଯେପରି ଜମିରେ ଝାଳ ବୁହାଇଲେ ଫସଲ ପାଏ ଠିକ ସେହିପରି ଜଣେ ଛାତ୍ର ନିୟମିତ ପଢ଼ିଲେ ସଫଳତା ପାଏ। ଆମେ ସଭିଏଁ ସେହିପରି ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତି ପାଇଁ ପରିଶ୍ରମ କରିବା ନିତାନ୍ତ ଆବଶ୍ୟକ। କେବଳ ଇଚ୍ଛା କରିଦେଲେ କିଛି ମିଳେ ନାହିଁ; ସେହି ଇଚ୍ଛାକୁ କାର୍ଯ୍ୟରେ ପରିଣତ କରିବାକୁ ଉପାୟ



କୈଳାସ ଚନ୍ଦ୍ର ଶତପଥୀ

ବାହାର କରିବାକୁ ପଡେ। ଈଶ୍ୱରଙ୍କ ଉପରେ ଭରସା ରଖିବା ସହିତ ନିଜ କର୍ତ୍ତବ୍ୟ କରିଚାଲିବା ହିଁ ପ୍ରକୃତ ଜୀବନଦର୍ଶନ।

ପରିଶ୍ରମ ସହିତ ଜୀବନର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ହେଉଛି ସଂଯମ ଓ ମିତବ୍ୟୟିତା। କୌଣସି ଜିନିଷ ପାଇଁ ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିବା, ନଷ୍ଟ କରିବା କିମ୍ବା ଅପବ୍ୟବହାର କରିବା ଜମା ଉଚିତ ନୁହେଁ। ଆମର ଖାଦ୍ୟ, ଜଳ, ବିଦ୍ୟୁତ୍, ଅର୍ଥ ଓ ସମୟ ପ୍ରତ୍ୟେକ ହେଉଛନ୍ତି ମୂଲ୍ୟବାନ ସମ୍ପଦ। ଯାହା ଆଜି ଆମ ପାଖରେ ସହଜରେ ଉପଲବ୍ଧ, ତାହା ଅନ୍ୟ କାହା ପାଇଁ ଅତ୍ୟନ୍ତ ଦୁର୍ଲଭ ହୋଇପାରେ। ତେଣୁ ନିଜ ଆବଶ୍ୟକତା ଓ ଲୋଭ ମଧ୍ୟରେ ପାର୍ଥକ୍ୟ ବୁଝିବା ଦରକାର। ଅପବ୍ୟୟର ଏହି ଦୁଷ୍ପରିଣାମକୁ ଦୃଷ୍ଟିରେ ରଖି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମ ସହ ଜଡ଼ିତ ଏକ ପ୍ରସିଦ୍ଧ ଭାବନା ରହିଛି, 'ଅପବ୍ୟୟ ମଧ୍ୟ ଏକ ପ୍ରକାର ହିଂସା'। ଏହି ଭାବନାର ଗଭୀର ଅର୍ଥ ହେଉଛି, ଆମେ ଯେତେବେଳେ ଅନାବଶ୍ୟକ ଭାବେ ଖାଦ୍ୟ, ପାଣି କିମ୍ବା ଅର୍ଥର ଅପବ୍ୟବହାର କରୁ, ସେତେବେଳେ ପରୋକ୍ଷରେ ଅନ୍ୟର ଅଧିକାର ଓ ପ୍ରକୃତିର ସମ୍ପଦକୁ ଅବମାନନା କରୁ। ଯେଉଁ ସମାଜରେ ଅନେକ ଲୋକ ଦୁଇବେଳା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି, ସେଠାରେ ଖାଦ୍ୟ ନଷ୍ଟ କରିବା କେବଳ ଅପବ୍ୟୟ ନୁହେଁ, ଏହା ମାନବିକତା ପ୍ରତି ମଧ୍ୟ ଆଘାତ। ଆମେ ଅନେକ ସମୟରେ ଧନୀ ହେବାକୁ ଚାହୁଁ, କିନ୍ତୁ ଧନର ସଠିକ୍ ବିନିଯୋଗ କରିବା ଶିଖୁ ନାହିଁ। ସୁଖୀ ଜୀବନ ଚାହୁଁ, କିନ୍ତୁ ଅନାବଶ୍ୟକ ଆବଶ୍ୟକତା ସୃଷ୍ଟି କରି ନିଜ ଜୀବନକୁ ଖୁବ୍ ଜଟିଳ କରିଦେଉ। ପ୍ରକୃତରେ ସୁଖ ଅଧିକ ଉପଭୋଗ କରିବାରେ ନୁହେଁ, ବରଂ ଯାହା ଅଛି ତାହାର ସଦୁପଯୋଗ କରିବାରେ ରହିଛି। ମିତବ୍ୟୟୀ ହେବାର ପ୍ରକୃତ ଅର୍ଥ କଞ୍ଜୁସ ହେବା ନୁହେଁ; ବରଂ ଆବଶ୍ୟକତା ଅନୁଯାୟୀ ଖର୍ଚ୍ଚ କରିବା, ଅନାବଶ୍ୟକ ବ୍ୟୟକୁ ଏଡ଼ାଇବା ଓ ସଞ୍ଚୟକୁ ଉପଯୋଗୀ କାର୍ଯ୍ୟରେ ଲଗାଇବା। ଏହି ତିନୋଟି କଥା ଯଥା ଆଳସ୍ୟ ତ୍ୟାଗ, ପରିଶ୍ରମ ଓ ଅପବ୍ୟୟରୁ ଦୂରେଇ ରହିବା ପରସ୍ପର ସହ ଗଭୀର ଭାବେ ଜଡ଼ିତ। ପରିଶ୍ରମ କରି ଯାହା ଅର୍ଜନ କରିବା, ତାହାକୁ ଯଦି ଅପବ୍ୟୟ କରିଦେବା, ତେବେ ପରିଶ୍ରମର ଫଳ ନଷ୍ଟ ହୋଇଗଲା ବୋଲି ଜାଣ। ସେହିପରି, କୌଣସି ସମ୍ପଦର ସଦୁପଯୋଗ କରିବାକୁ ହେଲେ ପ୍ରଥମେ ତାହାର ମୂଲ୍ୟ ବୁଝିବା ଆବଶ୍ୟକ। ଯେଉଁ ମଣିଷ ପରିଶ୍ରମ କରେ, ସଂଯମ ରଖେ ଓ ସମ୍ପଦର ସମ୍ମାନ କରେ, ସେ ନିଜ ଜୀବନକୁ ସୁନ୍ଦର କରିବା ସହ ସମାଜର ଉନ୍ନତିରେ ମଧ୍ୟ ଅବଦାନ ଦିଏ। ଜୀବନରେ ଖାଲି ସ୍ୱପ୍ନ ଦେଖିଲେ ହେବ ନାହିଁ, ସ୍ୱପ୍ନ ପୂରଣ ପାଇଁ ଉଠିବାକୁ ହେବ, ଚାଲିବାକୁ ହେବ ଓ ପରିଶ୍ରମ କରିବାକୁ ହେବ। ଯାହା ଅର୍ଜନ କରିବା, ତାହାକୁ ସଯତ୍ନରେ ବ୍ୟବହାର କରିବାକୁ ହେବ। ଆଳସ୍ୟ ପଛକୁ ଟାଣେ, ପରିଶ୍ରମ ଆଗକୁ ନିଏ ଏବଂ ଅପବ୍ୟୟ ଉନ୍ନତିର ପଥରେ ବାଧା ସୃଷ୍ଟି କରେ। ତେଣୁ ଆମେ ନିଜ ଜୀବନରେ ଏହି ସଂକଳ୍ପକୁ ଆପଣେଇବା ଯେ ଆଳସ୍ୟ ନୁହେଁ ପରିଶ୍ରମ, ଅପବ୍ୟୟ ନୁହେଁ ସଦୁପଯୋଗ ଏବଂ ଖାଲି ନିଜ ପାଇଁ ନୁହେଁ, ଅନ୍ୟର ମଙ୍ଗଳ ପାଇଁ ମଧ୍ୟ ବଞ୍ଚିବା। କାରଣ, ପରିଶ୍ରମ ଜୀବନକୁ ସଫଳ କରେ, ସଂଯମ ଜୀବନକୁ ସମୃଦ୍ଧ କରେ ଏବଂ ମାନବିକତା ଜୀବନକୁ ମହାନ କରେ। ମୁଁ ତ ଏଇଠି ଲେଖିଦେଇ କାମ ସାରିଦେଲି ତେଣିକି ନିଷ୍ପତ୍ତି ଆପଣମାନେ ନିଅନ୍ତୁ।



ରୋଟାରୀ କ୍ଲବ୍ ଅଫ୍ କଟକ କ୍ୟାଣ୍ଟନମେଣ୍ଟର ବୋର୍ଡ ବୈଠକ

କଟକ (ଭିଓଭି) : ରୋଟାରୀ କ୍ଲବ୍ ଅଫ୍ କଟକ କ୍ୟାଣ୍ଟନମେଣ୍ଟର ଏକ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କ୍ଲବ୍ ?ର ସଭାପତି ଜ୍ୟୋତି ରଞ୍ଜନ ଲେଙ୍କା ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସାଦ୍ ହାସମି ଏବଂ କୋଷାଧ୍ୟକ୍ଷ ଅନଙ୍ଗ ନାୟକଙ୍କ ସମେତ ବୋର୍ଡ ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ କ୍ଲବ୍ ?ର ଆଗାମୀ କାର୍ଯ୍ୟକ୍ରମ, ସାମାଜିକ ସେବାମୂଳକ ପଦକ୍ଷେପ ଏବଂ ଜନକଲ୍ୟାଣକାରୀ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମାଜର ଉନ୍ନତି ତଥା ଆବଶ୍ୟକତା ଥିବା ଲୋକଙ୍କ ସହାୟତା ପାଇଁ କ୍ଲବ୍ ?ର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ମଧ୍ୟ ମତବିନିମୟ ହୋଇଥିଲା। ଏହି ବୈଠକରେ ବୋର୍ଡ଼ର ସଦସ୍ୟ ବିଶ୍ୱଜିତ ସେନାପତି, ତବସୁମ ଅଖତର, ଶୁଭ୍ରା ମହାନ୍ତି, ସ୍ୱସ୍ତିତ ସ୍ୱରୂପ ସାମଲ, ପ୍ରଭାତ ମିଶ୍ର ଏବଂ ସାଜିଆ ହାସମିଙ୍କ ଉପସ୍ଥିତ ଥିଲେ। "ସେବା ମାଧ୍ୟମରେ ସମାଜରେ ସ୍ଥାୟୀ ପରିବର୍ତ୍ତନ ଆଣିବା" ରୋଟାରୀ କ୍ଲବ୍ ଅଫ୍ କଟକ କ୍ୟାଣ୍ଟନମେଣ୍ଟ ଲକ୍ଷ୍ୟ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

ବସ୍ ଷ୍ଟାଣ୍ଡରେ ନାହିଁ ପାନୀୟ ଜଳ ବ୍ୟବସ୍ଥା : ଯାତ୍ରୀ ହନ୍ତସନ୍ତ







ବାଲେଶ୍ୱର (ଭିଓଭି) : ବାଲେଶ୍ୱର ଜିଲ୍ଲାର ବସ୍ ଷ୍ଟାଣ୍ଡ ରେ ଯାତ୍ରୀମାନଙ୍କ ପାଇଁ ନାହିଁ ବିଶ୍ରାମସ୍ଥଳ, ପାନୀୟ ଜଳର ବ୍ୟବସ୍ଥା ଏବଂ ସୁଲଭ ଶୌବ।ଚାଳୟ । ଯାହାଫଳରେ ପ୍ରତ୍ୟେକ ଦିନ ଦୂରଦୁରାନ୍ତରୁ ଆସୁଥିବା ଲକ୍ଷ ଲକ୍ଷ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତ ବିଜେଡି ସରକାର ସମୟରେ ବସ୍ ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା କିନ୍ତୁ ଯାତ୍ରୀ ମାନଙ୍କ ପାଇଁ ଏସବୁ ର ସୁବିଧା କରାଯାଇନାହିଁ । ତୃଷା ମେଣ୍ଟାଇବା ପାଇଁ ଗରିବ ଶ୍ରେଣୀୟ ଲୋକମାନେଙ୍କୁ ପାଣି କିଣିବା ପାଇଁ ପଡୁଛି। ଖୋଲା ଆକାଶ ତଳେ ରହି ବସ୍ କୁ ଅପେକ୍ଷା କରିବାପାଇଁ ପଡୁଛି । ପରିଷ୍କାର ପରିଚ୍ଛନ୍ନତା ମଧ୍ୟ ନାହିଁ । ପୂର୍ବ ସରକାରରେଙ୍କର କିଛି କୁଚକ୍ରୀ ଗୋଷ୍ଠୀ ମାନଙ୍କ ପାଇଁ ବସ୍ ଷ୍ଟାଣ୍ଡ ର ଏହି ଅବସ୍ଥା ହୋଇଛି ବୋଲି ସଦର ବିଧାୟକ ମାନସ କୁମାର ଦତ୍ତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବସ୍ ଷ୍ଟାଣ୍ଡକୁ ଏକ ଆଦର୍ଶ ବସ୍ ଷ୍ଟାଣ୍ଡ ରେ ପରିଣତ କରାଇବା ପାଇଁ ଯାତ୍ରୀ ମାନେ ଦାବି କରିଛନ୍ତି।

କଇଁଛ ସୁରକ୍ଷା ନାଁରେ କୋଟିଏ ଲୁଟ୍

ପୁରୀ (ଭିଓଭି) : ଅଲିଭ ରିଡଲେ ବିରଳ କଇଁଛ ସୁରକ୍ଷା ନାଁରେ ଦେବୀ ମୁହାଣରେ କୋଟିଏ ଟଙ୍କାର ତେଲ ଲୁଟ ଅଭିଯୋଗ ଆସିଛି। ପୁରୀ ବନ୍ୟପ୍ରାଣୀ ଡିଭିଜନର ଟେଣ୍ଡର ନଂ ୦୨/୨୦୨୬-୨୭ରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ଅଷ୍ଟରଙ୍ଗ ଟ୍ରଲର ମାଲିକ ମହାସଂଘ ଓ ପରିବେଶବିତ୍ ଡା. ଲକ୍ଷ୍ମୀଧର ବିଶ୍ୱାଳ ମୁଖ୍ୟ ବନ ସଂରକ୍ଷକ, ଅର୍ଥ ବିଭାଗ ଓ ଭିଜିଲାନ୍ସକୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ତିନି ବର୍ଷର ଟେଣ୍ଡର ତୁଳନା କଲେ ଘୋଟାଲା ସ୍ପଷ୍ଟ। ୨୦୨୪-୨୫ରେ ୪୦୦ ଏଚପି ବୋଟକୁ ଘଣ୍ଟାକୁ ୧୦ ଲିଟର ହିସାବରେ ତେଲ ଦିଆଯାଉଥିଲା। ସେତେବେଳେ ବେଆଇନ ଟ୍ରଲର ଧରା ପଡୁଥିଲା। ୨୦୨୫-୨୬ରେ ସେହି ବୋଟକୁ ୩୫ ଲିଟର କରାଗଲା। ଏବେ ଚଳିତ ବର୍ଷ ଟେଣ୍ଡରରେ 'ଯେତିକି ଖର୍ଚ୍ଚ ହେବ ସେତିକି ଦିଆଯିବ' ବୋଲି ଅସୀମିତ କରାଯାଇଛି। ଓଡ଼ିଶା ପୋଲିସର ଉପକୂଳ ସୁରକ୍ଷା ଟେଣ୍ଡର ୪୪-ଆରଏଫପି-୦୧/୨୦୨୪-୨୫ରେ ୩୫୦ ଏଚପି ବୋଟକୁ ଦିନକୁ ୨୦୦ ଲିଟର ସୀମା ଥିବା ବେଳେ ବନ ବିଭାଗରେ କାହିଁକି ଅସୀମିତ ବୋଲି ପ୍ରଶ୍ନ ଉଠିଛି। ଗୋଟିଏ ଗୋଷ୍ଠୀର ୮ ବୋଟରୁ ୨ଟି ଦେଖାଇ ବାକିରେ ନିଷିଦ୍ଧ ଅଞ୍ଚଳରେ ମାଛ ଧରା ଓ ପାଟ୍ରୋଲିଂ ସୂଚନା ଲିକ୍ ଅଭିଯୋଗ ବି ଆସିଛି। ଜିପିଏସ ଯାଞ୍ଚ ଦାବି କରି ନଭେମ୍ବର ୧ରୁ ଥାନା ଘେରାଉ ଚେତାବନୀ ଦିଆଯାଇଛି।

ସେମିନାରୀ ଛକ ମାଛ ମାର୍କେଟ ରାସ୍ତା ମରଣଯନ୍ତ୍ରା

କଟକ (ଭିଓଭି) : ବର୍ଷା ହେଲେ ରାସ୍ତାରେ ପଙ୍କ ଓ କାଦୁଅ, ବର୍ଷା ନହେଲେ ଧୂଳିର ପ୍ରକୋପ। ଏଭଳି ଅବସ୍ଥା ଦେଇ ଗତି କରୁଛି କଟକର ସେମିନାରୀ ଛକ ମାଛ ମାର୍କେଟ ରାସ୍ତା। ରାସ୍ତାର ଦୁରବସ୍ଥା ଯୋଗୁଁ ଏହି



ବାଟ ଦେଇ ଯାତାୟାତ କରୁଥିବା ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବର୍ଷା ପରେ ରାସ୍ତାରେ ଜମି ରହୁଥିବା କାଦୁଅ ଓ ପଙ୍କ ଯୋଗୁଁ ଚାଲିବା ମଧ୍ୟ କଷ୍ଟକର ହୋଇପଡୁଛି। ଏହି ମାଛ ମାର୍କେଟକୁ ପ୍ରତିଦିନ ବହୁ ଲୋକଙ୍କ ଯାତାୟାତ ଲାଗି ରହୁଥିବାବେଳେ ରାସ୍ତାର ଏଭଳି ସ୍ଥିତି ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। କାଦୁଅ ଓ ପଙ୍କ ଭର୍ତ୍ତି ରାସ୍ତାରେ ଗାଡ଼ିମୋଟର ଚଳାଚଳ କରିବା ସହଜ ହେଉନାହିଁ। ଅନ୍ୟପକ୍ଷରେ, ରାସ୍ତା ଶୁଖିଗଲେ ଧୂଳି ଉଡ଼ିବା ଆଶଙ୍କା ମଧ୍ୟ ରହୁଛି। ଫଳରେ ସ୍ଥାନୀୟ ବ୍ୟବସାୟୀ ଓ ପଥଚାରୀମାନେ ନାନା ଅସୁବିଧା ଭୋଗୁଛନ୍ତି। ସହରର ଏକ ବ୍ୟସ୍ତବହୁଳ ଅଞ୍ଚଳରେ ଏଭଳି ରାସ୍ତାର ଅବସ୍ଥା ରହିବା ନିଶ୍ଚିତ ଭାବେ ଚିନ୍ତାଜନକ। ତେଣୁ ରାସ୍ତାର ତୁରନ୍ତ ମରାମତି ସହ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଆବଶ୍ୟକ। ଏ ଦିଗରେ ସମ୍ପୃକ୍ତ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଲୋକଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ କରିବାକୁ ଗୋପବନ୍ଧୁ ବିହାର କମିଟି ସମ୍ପାଦକ ଡକ୍ଟର ପ୍ରବୀଣ ବରାଳ ଓ ଅଂଚଳବାସୀମାନେ ଦାବି କରିଛନ୍ତି।

ଅତୀତର ଗୌରବ ଭଗ୍ନପ୍ରାୟ, ନାଟ୍ୟକଳାର ଭବିଷ୍ୟତ ନେଇ ପ୍ରଶ୍ନବାଚୀ

ଐତିହ୍ୟର ସ୍ମୃତି ବହନ କରୁଥିବା ନାଟ୍ୟଶାଳା ଆଜି ଅବହେଳାର ଶିକାର
ଆଧୁନିକ ପ୍ରେକ୍ଷାଳୟ ନିର୍ମାଣ ଓ କଳାର ସୁରକ୍ଷା ଉପରେ ଗୁରୁତ୍ୱାରୋପ

କଟକ, (ରାଜକୁମାର ସୁତାର): ଗୋଟିଏ ସହରର ପରିଚୟ ତାହାର ରାସ୍ତାଘାଟ, ଅଟ୍ଟାଳିକା କିମ୍ବା ଆଧୁନିକତାର ଚାକଚକ୍ୟରେ ସୀମିତ ନୁହେଁ। ସେହି ସହରର ସାଂସ୍କୃତିକ ଚେତନା, କଳା ଓ ସାହିତ୍ୟର ପରମ୍ପରା ମଧ୍ୟ ତାହାର ପରିଚୟକୁ ସମୃଦ୍ଧ କରିଥାଏ। କିନ୍ତୁ ଯେଉଁ ମାଟିରେ ନାଟକର ସଂଳାପ ଦିନେ ଦିନେ ଦର୍ଶକଙ୍କ ମନରେ ଭାବନାର ତରଙ୍ଗ ସୃଷ୍ଟି କରୁଥିଲା, ସେହି ମାଟିର ନାଟ୍ୟ ପରମ୍ପରା ଆଜି ନାନା ସମସ୍ୟାର ସମ୍ମୁଖୀନ। ଐତିହ୍ୟର ସ୍ମୃତି ବହନ କରୁଥିବା ନାଟ୍ୟଶାଳାଗୁଡ଼ିକର ଦୁରବସ୍ଥା ଏବଂ ଆଧୁନିକ ପ୍ରେକ୍ଷାଳୟର ଆବଶ୍ୟକତା ଏବେ ଏକ ଗମ୍ଭୀର ଆଲୋଚନାର ବିଷୟ ହୋଇଛି। କଟକର ନାଟ୍ୟ ଓ ସାଂସ୍କୃତିକ ଇତିହାସରେ ଅନ୍ନପୂର୍ଣ୍ଣା ଥିଏଟର 'ବି' ଗ୍ରୁପ୍ ?ର ସ୍ଥାନ ସ୍ୱତନ୍ତ୍ର। ଏହି ନାଟ୍ୟଶାଳା ଖାଲି ଇଟା, ପଥର ଓ ସିମେଣ୍ଟରେ ନିର୍ମିତ ଏକ କୋଠା ନୁହେଁ; ଏହା ଅନେକ କଳାକାରଙ୍କ ସାଧନା, ଅଭିନୟ ଓ ସୃଜନଶୀଳତାର ଏକ ସ୍ମୃତିପୀଠ। ଦୀର୍ଘ ବର୍ଷ ଧରି ଏହା ନାଟ୍ୟପ୍ରେମୀଙ୍କୁ ମନୋରଞ୍ଜନ ସହ ଚିନ୍ତାର ଖୋରାକ ଯୋଗାଇ ଆସିଛି। ମଞ୍ଚ ଉପରେ ଜୀବନର ବିଭିନ୍ନ ରୂପ ଉନ୍ମୋଚିତ ହୋଇଛି, ଚରିତ୍ରମାନଙ୍କ ମାଧ୍ୟମରେ ସମାଜର ପ୍ରତିଚ୍ଛବି ଫୁଟିଉଠିଛି ଏବଂ ଦର୍ଶକଙ୍କ ହୃଦୟରେ ନାଟକ ନିଜର ସ୍ଥାୟୀ ଆସନ ଗଢ଼ିଛି। ହେଲେ ସମୟର ଗତି ସହ ଏହି ଐତିହ୍ୟପୂର୍ଣ୍ଣ ନାଟ୍ୟଶାଳାର ଅବସ୍ଥା ଦୁର୍ବଳ ହୋଇପଡ଼ିଛି। ଯେଉଁ ପରିସର ଦିନେ କଳାକାରଙ୍କ ପାଦଚାରଣ ଓ ଦର୍ଶକଙ୍କ କରତାଳିରେ ମୁଖରିତ ହେଉଥିଲା, ଆଜି ସେଠାରେ ଅବହେଳାର ଚିହ୍ନ ସ୍ପଷ୍ଟ। ଏହି ଦୃଶ୍ୟ କେବଳ



ଗୋଟିଏ କୋଠାର ଜରାଜୀର୍ଣ୍ଣ ଅବସ୍ଥାକୁ ଦର୍ଶାଉନାହିଁ; ବରଂ ଆମ ସାଂସ୍କୃତିକ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ ପ୍ରତି ଥିବା ଆମ ଦାୟିତ୍ୱକୁ ମଧ୍ୟ ମନେ ପକାଇ ଦେଉଛି। ଅନ୍ୟପକ୍ଷରେ, ଆଧୁନିକ ସମୟର ଆବଶ୍ୟକତା ଅନୁଯାୟୀ ନାଟ୍ୟକଳାର ପ୍ରସାର ପାଇଁ ଉନ୍ନତ ମଞ୍ଚ, ସୁବିଧାଜନକ ଦର୍ଶକ ଆସନ, ଆଲୋକ ଓ ଶବ୍ଦ ବ୍ୟବସ୍ଥା ସହିତ ଆଧୁନିକ ପ୍ରେକ୍ଷାଳୟର ଆବଶ୍ୟକତା ରହିଛି। କିନ୍ତୁ ପୁରୁଣା ନାଟ୍ୟଶାଳାଗୁଡ଼ିକର ସଂରକ୍ଷଣ ଏବଂ ନୂତନ ପ୍ରେକ୍ଷାଳୟ ନିର୍ମାଣ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏକ ବଡ଼ ଆହ୍ୱାନ। ଉନ୍ନତିର ଅର୍ଥ ଅତୀତକୁ ବିସ୍ମୃତିର ଗର୍ଭକୁ ଠେଲିଦେବା ନୁହେଁ; ବରଂ ଅତୀତର ମୂଲ୍ୟବାନ ସମ୍ପଦକୁ ସାଥିରେ ନେଇ ଭବିଷ୍ୟତ ଗଢ଼ିବା। ନାଟକ ଏକ ସମାଜର ଦର୍ପଣ। ଏହା ମଣିଷର ସୁଖଦୁଃଖ, ସାମାଜିକ ବିଷମତା, ମାନବୀୟ ସମ୍ପର୍କ ଓ ସମୟର ପରିବର୍ତ୍ତନକୁ ମଞ୍ଚରେ ଜୀବନ୍ତ କରିଥାଏ। ଏହି କଳାର ବିକାଶ ପାଇଁ ନାଟ୍ୟଶାଳାର ସୁରକ୍ଷା ଯେତିକି ଆବଶ୍ୟକ, କଳାକାରଙ୍କୁ ଉପଯୁକ୍ତ ପରିବେଶ ଓ ଦର୍ଶକଙ୍କୁ ଉନ୍ନତ ପ୍ରେକ୍ଷାଳୟ ଯୋଗାଇଦେବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ ସାଂସ୍କୃତିକ ଅନୁଷ୍ଠାନ, ପ୍ରଶାସନ ଓ ସରକାରଙ୍କ ଭୂମିକା ଗୁରୁତ୍ୱ ବହନ କରୁଛି। ଐତିହାସିକ ନାଟ୍ୟଶାଳାଗୁଡ଼ିକର ସ୍ଥିତି ଅନୁଧ୍ୟାନ କରି ସେଗୁଡ଼ିକର ମରାମତି, ସଂରକ୍ଷଣ ଓ ପୁନରୁଦ୍ଧାର ପାଇଁ ଯୋଜନାବଦ୍ଧ ପଦକ୍ଷେପ ନେବା ଆବଶ୍ୟକ। ସେହିପରି ଆଧୁନିକ ପ୍ରେକ୍ଷାଳୟ ନିର୍ମାଣ ଦିଗରେ ମଧ୍ୟ ଆବଶ୍ୟକ ଆର୍ଥିକ ଓ ପ୍ରଶାସନିକ ସହଯୋଗ ଯୋଗାଇଦେବା ଦରକାର। ପ୍ରଶ୍ନ ହେଉଛି, ଯେଉଁ ସହର ନିଜର ସାଂସ୍କୃତିକ ଗୌରବ ପାଇଁ ପରିଚିତ, ସେଠାରେ ନାଟ୍ୟକଳାର ଏହି ଅମୂଲ୍ୟ ସମ୍ପଦକୁ ଅବହେଳିତ ଅବସ୍ଥାରେ ଛାଡ଼ିଦିଆଯିବ କାହିଁକି ? ଅତୀତର ସ୍ମୃତିକୁ ସୁରକ୍ଷିତ ରଖିବା ସହ ଭବିଷ୍ୟତର ସାଂସ୍କୃତିକ ଆବଶ୍ୟକତା ପୂରଣ କରିବାର ସମୟ ଏବେ ଆସିଛି। ନଚେତ୍ ?, ଦିନେ ଯେଉଁ ମଞ୍ଚରୁ ଜୀବନର ଅନେକ କାହାଣୀ ଶୁଣିବାକୁ ମିଳୁଥିଲା, ସେହି ମଞ୍ଚ ନିଜେ ଅବହେଳାର ଏକ ନୀରବ କାହାଣୀ ହୋଇ ରହିଯିବ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.... ରଣପୁର ରାଜନୀତି

ରାଜସୁନାଖଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେଡିର ପୂର୍ବତନ ବ୍ଲକ୍ ସଭାପତି ସଚ୍ଚିକାନ୍ତ ଷଡ଼ଙ୍ଗୀଙ୍କ ପତ୍ନୀଙ୍କ ନାମ ଆଲୋଚନା ହେଉଛି। ତେବେ କିଛି ବ୍ୟକ୍ତିଗତ ଓ ରାଜନୈତିକ କାରଣରୁ ଶ୍ରୀ ଷଡ଼ଙ୍ଗୀ ନିଜ ପତ୍ନୀଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ବିଶେଷ ଆଗ୍ରହୀ ନଥିବା ଚର୍ଚ୍ଚା ହେଉଛି। ତୃତୀୟ ସମ୍ଭାବ୍ୟ ପ୍ରାର୍ଥୀ ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ବିଜେଡିର ବରିଷ୍ଠ ନେତା ଗିରିଜାକାନ୍ତ ମହାପାତ୍ରଙ୍କ ପତ୍ନୀଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ସେହିପରି ଚତୁର୍ଥ ଓ ପଞ୍ଚମ ସମ୍ଭାବ୍ୟ ପ୍ରାର୍ଥୀ ଭାବେ ଖଇରପଲ୍ଲୀ ପଞ୍ଚାୟତର ସରପଞ୍ଚ ବୃନ୍ଦାବନ ମହାନ୍ତିଙ୍କ ପତ୍ନୀ ଏବଂ ବୃନ୍ଦାବନପୁର ପଞ୍ଚାୟତର ବର୍ତ୍ତମାନର ସମିତି ସଭ୍ୟା ପୁଷ୍ପାଞ୍ଜଳି ମିଶ୍ରଙ୍କ ନାମ ମଧ୍ୟ ବିଚାରାଧୀନ ଥିବା ଜଣାପଡ଼ିଛି। ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗିରିଜାକାନ୍ତ ମହାପାତ୍ରଙ୍କ ପତ୍ନୀଙ୍କୁ ପ୍ରାର୍ଥୀ କରିବା ପାଇଁ ଗୋଟିଏ ଗୋଷ୍ଠୀ ଜୋର୍ ଦେଉଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ପୁଷ୍ପାଞ୍ଜଳି ମିଶ୍ରଙ୍କ ସପକ୍ଷରେ ରହିଛି। ପୁଷ୍ପାଞ୍ଜଳି ଆଗାମୀ ନିର୍ବାଚନରେ ନିଜ ପଞ୍ଚାୟତରୁ ସରପଞ୍ଚ ଭାବେ ଲଢ଼ିବାକୁ ମନସ୍ଥ କରିଥିବା କୁହାଯାଉଥିଲେ ମଧ୍ୟ ତାଙ୍କୁ ଜିଲ୍ଲା ପରିଷଦ ପ୍ରାର୍ଥୀ ହେବା ପାଇଁ ମନାଇବାକୁ ଏକ ଗୋଷ୍ଠୀ ଉଦ୍ୟମ ଜାରି ରଖିଛି।

ବଳ ଗୋଟାଉଥିବା କଂଗ୍ରେସ ମଧ୍ୟ ପ୍ରାର୍ଥୀ ଖୋଜା ଜାରି ରଖିଛି। ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ସୁର୍କାବାଡ଼ି ପଞ୍ଚାୟତର ସାରଦା ପ୍ରସନ୍ନ ସୁବୁଦ୍ଧି ଏବେ ଦଳୀୟ କାର୍ଯ୍ୟକ୍ରମରେ ବିଶେଷ ସକ୍ରିୟ ନଥିବା ଦେଖିବାକୁ ମିଳୁଛି। ବିଜେପି ଓ ବିଜେଡି ଭଳି କଂଗ୍ରେସରେ ମଧ୍ୟ ଗୋଷ୍ଠୀଗତ ମତଭେଦ ରହିଛି। ପୂର୍ବ ବିଧାନସଭା ନିର୍ବାଚନରେ ଦଳୀୟ ଟିକେଟ୍‌କୁ ନେଇ ଯୁବନେତା ତଥା ପୂର୍ବତନ ମନ୍ତ୍ରୀ ରମାକାନ୍ତ ମିଶ୍ରଙ୍କ ପୁତୁରା ବିଭୁ ମିଶ୍ର ଓ ସ୍ଥାନୀୟ ବିନୋଦପଡ଼ା ଗ୍ରାମର ସତ୍ୟ ନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଶେଷରେ ଦଳ ବିଭୁ ମିଶ୍ରଙ୍କ ନାମରେ ମୋହର ମାରିଥିଲା। ନିର୍ବାଚନରେ ପରାଜିତ ହେବା ପରେ ମଧ୍ୟ ବିଭୁ ପଛଘୁଞ୍ଚା ଦେଇନାହାନ୍ତି। ସେ ପ୍ରତିଦିନ ଗାଁକୁ ଗାଁ ଓ ପଞ୍ଚାୟତକୁ ପଞ୍ଚାୟତ ବୁଲି ଦଳୀୟ କର୍ମୀଙ୍କୁ ଏକାଠି କରିବା ସହ ସଂଗଠନକୁ ମଜଭୁତ କରିବାରେ ଲାଗିପଡ଼ିଛନ୍ତି। ବିଭୁଙ୍କ କହିବା ଅନୁଯାୟୀ, ପ୍ରଥମେ ଯେଉଁସବୁ ପଞ୍ଚାୟତରେ କମିଟି ଗଠନ କରି ୭ରୁ ୮ ଜଣଙ୍କୁ ନେଇ ସଭା କରାଯାଉଥିଲା, ପରବର୍ତ୍ତୀ ସମୟରେ ସେହି ସଂଖ୍ୟା ୩୦ରୁ ୪୦ରେ ପହଞ୍ଚିଥିଲା। ଏବେ ସଭାରେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଉଛନ୍ତି। ତାଙ୍କ ମତରେ, ଲୋକଙ୍କ ମନରେ କଂଗ୍ରେସ ପ୍ରତି ଭଲ ପାଇବା ଥିଲେ ମଧ୍ୟ ଦୀର୍ଘଦିନ ଧରି ଉପଯୁକ୍ତ ନେତୃତ୍ୱର ଅଭାବ ଯୋଗୁଁ ଅନେକ କର୍ମୀ ଅନ୍ୟ ଦଳକୁ ଚାଲିଯାଇଥିଲେ। ଏବେ ସେ ନିଜେ ଗାଁକୁ ଗାଁ ବୁଲିବାରୁ ଅନେକ କର୍ମୀ ପୁନର୍ବାର କଂଗ୍ରେସକୁ ଫେରୁଛନ୍ତି। ତେଣୁ ଦଳର ସଂଗଠନକୁ ମଜଭୁତ କରିବା ପାଇଁ ନିରନ୍ତର ପ୍ରୟାସ ଚାଲିଛି। ତେବେ ୨୨ ନଂ ଜୋନ୍ ପାଇଁ କଂଗ୍ରେସର ସମ୍ଭାବ୍ୟ ପ୍ରାର୍ଥୀଙ୍କ ନାମ ବିଭୁ ପ୍ରକାଶ କରିନାହାନ୍ତି। ମାତ୍ର ଦଳୀୟ ମହଲରେ ଦର୍ପନାରାୟଣପୁର ଅଞ୍ଚଳର ଜଣାଶୁଣା ମହିଳା କଂଗ୍ରେସ କର୍ମୀ ପ୍ରତିମା ଜେନାଙ୍କ ନାମ ଚର୍ଚ୍ଚାକୁ ଆସୁଛି। ପ୍ରତିମା ପୂର୍ବରୁ ସରପଞ୍ଚ ରହିଥିବାବେଳେ ବର୍ତ୍ତମାନ ଜିଲ୍ଲା କଂଗ୍ରେସ କମିଟିର ସଦସ୍ୟ ଅଛନ୍ତି। ତାଙ୍କୁ ଦଳ ପ୍ରାର୍ଥୀ କରିପାରେ ବୋଲି ଆଲୋଚନା ହେଉଛି।

ଏଥର ମୁଖ୍ୟ ଲଢେଇ ବିଜେଡି-ବିଜେପି ମଧ୍ୟରେ ହେବାର ଯଥେଷ୍ଟ ସମ୍ଭାବନା ଅଛି। ରାଜନୈତିକ ବିଶାରଦଙ୍କ ଆକଳନ ଅନୁଯାୟୀ, ଗତ ନିର୍ବାଚନ ଭଳି ଏଥର ମଧ୍ୟ ଏହି ଜୋନ୍ ?ରେ ମୁଖ୍ୟତଃ ବିଜେପି ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହେବାର ସମ୍ଭାବନା ରହିଛି। ବିଜେପିରେ ଗୋଷ୍ଠୀଗତ ମତଭେଦ ରହିଥିଲେ ମଧ୍ୟ ସାଂସଦ ସମର୍ଥିତ ପ୍ରାର୍ଥୀ ଭାବେ ନିର୍ମଳା ବେହେରା ମଇଦାନକୁ ଓହ୍ଲାଇଲେ ତାଙ୍କର ସ୍ୱଚ୍ଛ ଭାବମୂର୍ତ୍ତି ଓ ବର୍ତ୍ତମାନର ପଦପଦବୀ ଭୋଟରଙ୍କ ମଧ୍ୟରେ ପ୍ରଭାବ ପକାଇପାରେ ବୋଲି ଆକଳନ କରାଯାଉଛି। ଅନ୍ୟପକ୍ଷରେ ବିଜେଡିର ପ୍ରାର୍ଥୀ କିଏ ହେବେ, ତାହା ଏବେ ମଧ୍ୟ ଅସ୍ପଷ୍ଟ। ତେବେ ପ୍ରାର୍ଥୀ ଯିଏ ହେଲେ ମଧ୍ୟ ଦଳର ସଂଗଠନ ଓ କର୍ମୀଙ୍କ ଏକତା ଉପରେ ନିର୍ବାଚନୀ ଫଳାଫଳ ଅନେକାଂଶରେ ନିର୍ଭର କରିବ। ଦଳୀୟ କର୍ମୀମାନେ ଏକଜୁଟ୍ ହୋଇ ଲଢ଼ିଲେ ବିଜେଡି ନିଜର ପୁରୁଣା ଆସନ ବଜାୟ ରଖିବାକୁ ସକ୍ଷମ ହୋଇପାରେ। ସେହିପରି ସଂଗଠନକୁ ମଜଭୁତ କରିବା ଦିଗରେ ଆଗକୁ ବଢୁଥିବା କଂଗ୍ରେସ ଏଥର ବିଜେଡି ଓ ବିଜେପିର ଆଭ୍ୟନ୍ତରୀଣ ମତଭେଦକୁ ନିଜ ସପକ୍ଷରେ ନେବାକୁ ଉଦ୍ୟମ କରିପାରେ। ତେବେ ମହିଳା ସଂରକ୍ଷଣ ନେଇ ଚାଲିଥିବା ଚର୍ଚ୍ଚା, ବିଜେପିର ଗୋଷ୍ଠୀ କନ୍ଦଳ, ବିଜେଡିର ପ୍ରାର୍ଥୀ ଚୟନ ଏବଂ କଂଗ୍ରେସର ସାଂଗଠନିକ ଶକ୍ତି ବୃଦ୍ଧି, ଏହି ସବୁ ଦିଗ ଆଗାମୀ ନିର୍ବାଚନରେ ରାଜସୁନାଖଳା ୨୨ ନଂ ଜିଲ୍ଲା ପରିଷଦ ଜୋନ୍‌ର ରାଜନୈତିକ ଚିତ୍ରକୁ କେଉଁ ଦିଗକୁ ନେବ, ତାହା ଦେଖିବାକୁ ରହିଲା।

ସଂପାଦକୀୟ

ନନାଙ୍କ ପାଇଖାନା

ନିକଟରେ ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲି। ଆମେ ବସି ଗପସପ କରୁଥିବା ସମୟରେ ମୋତେ ପରିସ୍ରା ଲାଗିଲା। ଆମେ ବସିଥିବା ସ୍ଥାନର ନିକଟରେ ଥିବା ବାଥ୍ ?ରୁମ୍ ?କୁ ଯିବାକୁ ବାହାରିବା ବେଳେ ବନ୍ଧୁ ମୋତେ ବାରଣ କଲେ। କହିଲେ, ସେ ବାଥ୍ ?ରୁମ୍ ?କୁ ଯାଅନି, ଭିତରେ ମୋ ମାଷ୍ଟର ବେଡ୍ ?ରୁମ୍ ? ସହ ସଂଲଗ୍ନ ବାଥ୍ ?ରୁମ୍ ?କୁ ଯାଅ। କାରଣ ପଚାରିବାରୁ ସେ କହିଲେ, ସେଇଟା ବାପାମାଆଙ୍କ ବ୍ୟବହାର ପାଇଁ। ଗନ୍ଧ ହେଉଥିବ, ତେଣୁ ତୁମେ ଭିତର ବାଥ୍ ?ରୁମ୍ ?କୁ ଯାଅ। ବନ୍ଧୁଙ୍କ କଥା ଶୁଣିବା ପରେ ମନରେ ଅନେକ ଭାବନା ଆସିଲା। ତାଙ୍କ କଥାରେ ହୁଏତ ଅସ୍ୱାଭାବିକ କିଛି ନଥିଲା, କିନ୍ତୁ ବୟସ୍କ ବାପାମାଆଙ୍କ ପ୍ରତି ଆମର ଦାୟିତ୍ୱବୋଧ ଓ ଆଭିମୁଖ୍ୟକୁ ନେଇ ମନ ଭିତରେ ଏକ ପ୍ରଶ୍ନ ଉଙ୍କି ମାରିଲା। ସେହି ଭାବନା ମନରେ ଚାଲିଥିବା ବେଳେ ଖବରକାଗଜରେ ଆଉ ଏକ ଚିନ୍ତାଜନକ ଖବର ପଢ଼ିଲି। ଖବରଟି ଥିଲା କଟକ ବଡ଼ ମେଡିକାଲ ବା ଏସ୍ ?ସିବିରେ ଦିନକୁ ଦିନ ଫୁଟ୍ ? ଅଲସର୍ ? ବା ପାଦ ଘା' ରୋଗୀଙ୍କ ସଂଖ୍ୟା ବଢୁଛି। ଅନିୟନ୍ତ୍ରିତ ମଧୁମେହ ଏହାର ଏକ ପ୍ରମୁଖ କାରଣ। ଆମେ ସମସ୍ତେ ଜାଣୁ, ମଧୁମେହ ଥରେ ହେଲେ ଏହାକୁ ସମ୍ପୂର୍ଣ୍ଣ ଭଲ କରିବା ସାଧାରଣତଃ ସମ୍ଭବ ନୁହେଁ। ତେଣୁ ଉପଯୁକ୍ତ ଚିକିତ୍ସା, ନିୟମିତ ଔଷଧ ସେବନ ଓ ଶୃଙ୍ଖଳିତ ଜୀବନଯାପନ ଦ୍ୱାରା ଏହାକୁ ନିୟନ୍ତ୍ରଣରେ ରଖିବା ହିଁ ମୁଖ୍ୟ କଥା। କିନ୍ତୁ ଏହି ଆଲେଖ୍ୟର ଉଦ୍ଦେଶ୍ୟ ମଧୁମେହ ରୋଗ ବା ତାହାର ଚିକିତ୍ସା ବିଷୟରେ ଆଲୋଚନା କରିବା ନୁହେଁ। ମୋ ମନରେ ଥିବା ଭାବନା ହେଉଛି, ଏପରି ରୋଗରେ ପୀଡ଼ିତ ବୟସ୍କ ବାପାମାଆଙ୍କ ଯତ୍ନ ନେବାରେ ଆମର ଭୂମିକା କ'ଣ ହେବା ଉଚିତ ? ମୋ ନନା (ବାପା) ଓ ବୋଉ ଉଭୟେ ମଧୁମେହରେ ପୀଡ଼ିତ। ତା' ସହିତ ସେମାନେ ଜୀବନର ଅପରାହ୍ନରେ ଉପନୀତ। ଏବେ ଛୋଟ ଛୋଟ କାମ ମଧ୍ୟ ନିଜ ହାତରେ କରିବା ସେମାନଙ୍କ ପାଇଁ ସହଜ ନୁହେଁ। ଦୈନନ୍ଦିନ ଜୀବନର ଅନେକ କାମ ମଧ୍ୟରୁ ଗାଧୋଇବା ଓ ପାଇଖାନା ଯିବା ଭଳି ଅତି ସାଧାରଣ କାମ ପାଇଁ ମଧ୍ୟ ଆମକୁ ସେମାନଙ୍କ ପାଖରେ ଉପସ୍ଥିତ ରହି ସହଯୋଗ କରିବାକୁ ପଡ଼େ।ଦିନରାତି ମିଶାଇ ସେମାନଙ୍କୁ ଅତି କମ୍ ?ରେ ୧୨ରୁ ୧୫ ଥର ପରିସ୍ରା କରିବା ପାଇଁ ପାଇଖାନାକୁ ଯିବାକୁ ପଡ଼ିଥାଏ। ବୟସାଧିକ୍ୟ, ଦୁର୍ବଳ ଦୃଷ୍ଟିଶକ୍ତି ଓ ଶାରୀରିକ ସନ୍ତୁଳନରେ ଅସୁବିଧା ଯୋଗୁଁ ନନା ପାଇଖାନାକୁ ଯିବା ପୂର୍ବରୁ ବେଳେବେଳେ ଗାଧୁଆଘରେ ଟୋପା ଟୋପା ପରିସ୍ରା ପଡ଼ିଯାଏ। ଆଉ କେତେବେଳେ ପାଇଖାନାରେ ପରିସ୍ରା ନପଡ଼ି ବାହାରେ ପଡ଼ିଥାଏ। ବେଳେବେଳେ ପରିସ୍ରା କରିସାରିବା ପରେ ଫ୍ଲସ୍ ? କରିବାକୁ ମଧ୍ୟ ଭୁଲିଯାଆନ୍ତି। ଏସବୁ କାରଣରୁ ପାଇଖାନା ଅପରିଷ୍କାର ହୋଇଯାଏ। ଔଷଧ ସେବନ ଓ ଅନ୍ୟାନ୍ୟ ଶାରୀରିକ ସମସ୍ୟା ଯୋଗୁଁ ପରିସ୍ରାର ଗନ୍ଧ ଅଧିକ ହେଲେ ପରିସ୍ଥିତି ଆହୁରି ଅସୁବିଧାଜନକ ହୋଇପଡ଼େ। କିନ୍ତୁ ଏଥିପାଇଁ ଆମେ କ'ଣ ନନାଙ୍କୁ ଦୋଷ ଦେଇପାରିବା ? ତାଙ୍କୁ ଅପରିଷ୍କାର ପାଇଖାନା ବ୍ୟବହାର କରିବାକୁ ଛାଡ଼ିଦେଇପାରିବା ? ନା, ଆଦୌ ନୁହେଁ। ଆମ ଘରେ ଅନ୍ୟ ଏକ ପାଇଖାନା ଓ ଗାଧୁଆଘର ଥିଲେ ମଧ୍ୟ ଆମେ ଏକ ପାରିବାରିକ ନିୟମ କରିଛୁ। ନନା ଓ ବୋଉ ଯେଉଁ ପାଇଖାନା ବ୍ୟବହାର କରନ୍ତି, ଆମେ ସମସ୍ତେ ସେହି ପାଇଖାନା ବ୍ୟବହାର କରିବୁ। ଆମେ ଯେତେଥର ସେଠାକୁ ଯାଉ, ପ୍ରତିଥର ପାଇଖାନାକୁ ପରିଷ୍କାର କରିବା ସହ ଆବଶ୍ୟକ ଅନୁସାରେ ଫିନାଇଲ୍ ? ପକାଇ ଆସୁ। ସେମାନେ ବ୍ୟବହାର କରୁଥିବା ପାଇଖାନାରୁ ଆମକୁ ଗନ୍ଧ ହୁଏନାହିଁ, ଏପରି ନୁହେଁ। ଗନ୍ଧ ହୁଏ, ଅସୁବିଧା ମଧ୍ୟ ହୁଏ। କିନ୍ତୁ ଆମେ ଜାଣିଶୁଣି ବାରମ୍ବାର ସେହି ପାଇଖାନାକୁ ଯାଉ, ନିଜେ ପରିଷ୍କାର କରୁ ଏବଂ ତାକୁ ବ୍ୟବହାରଯୋଗ୍ୟ କରି ରଖୁ। କାରଣ ଆମ ପାଇଁ ଏହା ଖାଲି ପାଇଖାନା ସଫା କରିବାର କାମ ନୁହେଁ; ଏହା ଆମ ନନା ଓ ବୋଉଙ୍କ ପ୍ରତି ଭଲପାଇବା, ଯତ୍ନ ଓ ଦାୟିତ୍ୱବୋଧର ଏକ ଛୋଟ ପ୍ରକାଶ।

ବୟସର ଏହି ପର୍ଯ୍ୟାୟରେ ମଣିଷ ଅନେକ କଥା ବୁଝିବାର କ୍ଷମତା ହରାଇଥାଏ। ଶରୀର ଆଉ ପୂର୍ବପରି ସହଯୋଗ କରେନାହିଁ। ନିଜର ଅସୁବିଧାକୁ ଅନ୍ୟମାନଙ୍କୁ ବୁଝାଇବା ମଧ୍ୟ ସବୁବେଳେ ସମ୍ଭବ ହୁଏନାହିଁ। ଯେଉଁ ବାପାମାଆ ଦିନେ ଆମକୁ ଗାଧୋଇ ଦେଉଥିଲେ, ଖୁଆଇ ଦେଉଥିଲେ, ଆମର ଝାଡ଼ା ପରିସ୍ରା ସଫା କରିବାକୁ ମଧ୍ୟ ଘୃଣା କରୁନଥିଲେ, ଆଜି ସେମାନଙ୍କ ପାଇଁ ଆମେ ଟିକିଏ ସମୟ ଓ ଶ୍ରମ ଦେଇପାରିବା ନାହିଁ ? ଯେଉଁ ହାତ ଦିନେ ଆମକୁ ଧରି ଚାଲିବା ଶିଖାଇଥିଲା, ସେହି ହାତ ଆଜି ଥରଥର କରୁଥିଲେ ତାକୁ ଧରିବା ଆମର କର୍ତ୍ତବ୍ୟ ନୁହେଁ କି ? ଯେଉଁ ପାଦ ଆମକୁ ଚାଲିବା ଶିଖାଇବା ପାଇଁ ଆମ ପଛେ ପଛେ ଦୌଡୁଥିଲା, ଆଜି ସେହି ପାଦ ଦୁଇଟି ଦୁର୍ବଳ ହୋଇପଡ଼ିଲେ ତାକୁ ସମ୍ଭାଳିବା ଆମର ଦାୟିତ୍ୱ ନୁହେଁ କି ? ଆମେ ଯେତେବେଳେ ଛୋଟ ଥିଲୁ, ଆମର ଅପରିଷ୍କାରକୁ ସଫା କରିବାରେ ବାପାମାଆ କେବେ ଘୃଣା କରିନଥିଲେ। ତେବେ ଆଜି ସେମାନଙ୍କ ଅସହାୟତାକୁ ଆମେ କାହିଁକି ଘୃଣାର ଦୃଷ୍ଟିରେ ଦେଖିବା ? ସେମାନଙ୍କ ଦୁର୍ବଳତା ତ ଆମ ପାଇଁ ଲଜ୍ଜାର କାରଣ ନୁହେଁ; ବରଂ ସେମାନଙ୍କ ପାଖରେ ଠିଆ ହେବାର ଏକ ସୁଯୋଗ। ଆଉ ଗୋଟିଏ କଥା ମନକୁ ଆସେ। ଯେଉଁ ବାପାମାଆଙ୍କର ଖାଇସାରିବା ପରେ ଖାଇଛନ୍ତି କି ନାହିଁ, ତାହା ମନେ ରଖିବାର କ୍ଷମତା ଆଉ ରହୁନାହିଁ, ସେମାନଙ୍କ ପାଇଁ ଔଷଧ ଖାଇବା କଥା ମନେ ରଖିବା କେତେ କଷ୍ଟକର ହୋଇପାରେ, ତାହା ସହଜରେ ଅନୁମାନ କରିହେବ। ଏପରି ସମୟରେ ସେମାନଙ୍କ ଖାଦ୍ୟ, ଔଷଧ, ସ୍ୱଚ୍ଛତା ଓ ସୁରକ୍ଷା ପ୍ରତି ଆମକୁ ଅଧିକ ସଚେତନ ହେବାକୁ ପଡ଼ିବ। ଘରର ବୟସ୍କମାନଙ୍କୁ ନିଜ ପିଲାଙ୍କ ଭଳି ଯତ୍ନ ନେବା ଆବଶ୍ୟକ। ସେମାନଙ୍କୁ ନେଇ ଅସହିଷ୍ଣୁ ନହୋଇ ଧୈର୍ଯ୍ୟର ସହ ସେମାନଙ୍କ ଅସୁବିଧା ବୁଝିବା ଦରକାର। ପରିଷ୍କାର ଓ ପରିଚ୍ଛନ୍ନତା ସେମାନଙ୍କ ସୁବିଧା ପାଇଁ ନୁହେଁ, ସଂକ୍ରମଣ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସମସ୍ୟାର ଆଶଙ୍କା କମାଇବା ପାଇଁ ମଧ୍ୟ ଜରୁରୀ। ବିଶେଷକରି ମଧୁମେହରେ ପୀଡ଼ିତ ବୟସ୍କଙ୍କ ପାଦର ଯତ୍ନ, ସ୍ୱଚ୍ଛତା ଓ ସୁରକ୍ଷା ପ୍ରତି ଆମର ସ୍ୱତନ୍ତ୍ର ଧ୍ୟାନ ରହିବା ଉଚିତ। ବନ୍ଧୁଙ୍କ ଘରେ ଶୁଣିଥିବା ସେହି କଥା ମୋତେ ଗୋଟିଏ ନୂଆ ଦୃଷ୍ଟିକୋଣ ଦେଇଛି। ବୟସ୍କ ବାପାମାଆଙ୍କ ପାଇଁ ଅଲଗା ପାଇଖାନା ରଖିବା ଭୁଲ୍ ? ନୁହେଁ; କିନ୍ତୁ ସେମାନଙ୍କ ଅସହାୟତାକୁ ଦୂରେଇ ରଖିବାର ଏକ କାରଣ କରିଦେବା ନିଶ୍ଚୟ ଠିକ୍ ? ନୁହେଁ। ସେମାନଙ୍କୁ ଆମଠାରୁ ଅଲଗା କରିବା ନୁହେଁ, ବରଂ ସେମାନଙ୍କ ପାଖରେ ଆହୁରି ଅଧିକ ନିଜର ହୋଇ ଠିଆ ହେବା ହିଁ ପ୍ରକୃତ ମାନବିକତା।

ଆଜି ଏକ ସଂକଳ୍ପ ନେବାର ସମୟ ଉପନୀତ, ନନାଙ୍କ ପାଇଖାନା ଗନ୍ଧ ହେଉ କି ଅପରିଷ୍କାର ହେଉ, ଆମେ ତାହାକୁ ଘୃଣାର ଦୃଷ୍ଟିରେ ଦେଖିବା ନାହିଁ ବରଂ ତାହାକୁ ସଫା କରିବା, ନନାଙ୍କ ହାତ ଧରି ତାଙ୍କୁ ସୁରକ୍ଷିତ ଭାବେ ପାଇଖାନାକୁ ନେବା ଏବଂ ତାଙ୍କ ଅସହାୟତାରେ ତାଙ୍କର ସାହାରା ହେବା। କାରଣ ବାପାମାଆଙ୍କ ସେବା ଖାଲି ଆମର କର୍ତ୍ତବ୍ୟ ନୁହେଁ, ଏହା ଆମ ଭଲପାଇବାର ସବୁଠାରୁ ବଡ଼ ପରୀକ୍ଷା।

ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍‌ଆପ୍) : ୯୦୯୦୨୨୫୩୫୩
ଇମେଲ: voiceofvictimsnews@gmail.com

ଘୁଷଖୋରୀ : ଏକ ସାମାଜିକ ଅବ୍ୟବସ୍ଥା



ସତ୍ୟ ଦାସ

ଘୁଷଖୋରୀ ! ଏହା ଏମିତି ଏକ ସାମାଜିକ ବ୍ୟାଧି, ଯାହା ଆଜି ଆମ ବ୍ୟବସ୍ଥାର ଶିରାପ୍ରଶିରାରେ ପ୍ରବେଶ କରିସାରିଛି। ନିଜର ନ୍ୟାୟସଙ୍ଗତ କାମଟିଏ କରାଇବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଅର୍ଥ ଦେବାକୁ ବାଧ ହେବା ହିଁ ଘୁଷଖୋରୀର ମୂଳ ସ୍ୱରୂପ। ଯେଉଁଠି ନିୟମ ଅନୁଯାୟୀ କାମଟି ବିନା ବାଧାରେ ହୋଇଯିବା କଥା, ସେଠାରେ ଅର୍ଥ ନଦେବା ପର୍ଯ୍ୟନ୍ତ ଫାଇଲ୍ ଆଗକୁ ବଢ଼େ ନାହିଁ। ଏହାକୁ ଆମେ ଉକ୍‌ଚାଟ ବା ଘୁଷ କହୁ। ଆଧୁନିକ ଭାଷାରେ ଏହାକୁ 'ପି.ସି.' ବା 'ଅଣ୍ଡର ଦି ଟେବୁଲ୍' କାରବାର ବୋଲି ମଧ୍ୟ କୁହାଯାଏ। ଏହି ଦୁର୍ନୀତିର ପ୍ରଭାବ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବିଶେଷ ଭାବେ ଦେଖିବାକୁ ମିଳେ। ନିୟମ ଅନୁଯାୟୀ ଜଣେ ଅଧିକାରୀଙ୍କ କର୍ତ୍ତବ୍ୟ ହେଉଛି ନିଜ ଦାୟିତ୍ୱ ସଠିକ୍ ଭାବେ ସମ୍ପାଦନ କରିବା। କିନ୍ତୁ ଦୁର୍ଭାଗ୍ୟର ବିଷୟ, କେତେକ ଅଧିକାରୀ ଜାଣିଶୁଣି ଫାଇଲ୍ ଅଟକାଇ ରଖନ୍ତି ଏବଂ ଉକ୍‌ଚାଟକୁ ଅପେକ୍ଷା କରିଥାଆନ୍ତି। ଶେଷରେ ନିଜର ନ୍ୟାୟସଙ୍ଗତ କାମଟିଏ କରାଇବା ପାଇଁ ସାଧାରଣ ଲୋକଟିଏ ବାରମ୍ବାର କାର୍ଯ୍ୟାଳୟ ଦୌଡ଼ି ନିରାଶ ହେବା ପରେ ବାଧ ହୋଇ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରେ। ଉକ୍‌ଚାଟ ମିଳିବା ପରେ ହିଁ ଅଧିକାରୀଙ୍କ କଲମ ଚାଲେ, ଫାଇଲ୍ ଆଗକୁ ବଢ଼େ ଏବଂ କାମଟି ସମ୍ପୂର୍ଣ୍ଣ ହୁଏ। ସରକାରଙ୍କଠାରୁ ନିୟମିତ ଦରମା ଓ ଅନ୍ୟାନ୍ୟ ସୁବିଧାସୁଯୋଗ ପାଉଥିବା ସତ୍ତ୍ୱେ କେତେକ ସରକାରୀ କର୍ମଚାରୀ ଉକ୍‌ଚାଟକୁ ଏକ ଅତିରିକ୍ତ ଆୟର ମାଧ୍ୟମ ଭାବେ ଗ୍ରହଣ କରିନେଇଛନ୍ତି। ଏହା କେବଳ ତଳିଆ କର୍ମଚାରୀଙ୍କ ମଧ୍ୟରେ ସୀମିତ ନୁହେଁ; ବରଂ ଉଚ୍ଚପଦସ୍ଥ ଅଧିକାରୀଙ୍କଠାରୁ ଆରମ୍ଭ କରି କ୍ଷମତାସୀନ ରାଜନୈତିକ ବ୍ୟକ୍ତିବିଶେଷଙ୍କ ପର୍ଯ୍ୟନ୍ତ ଏହାର ପ୍ରଭାବ ଥିବା ଅଭିଯୋଗ ଶୁଣିବାକୁ ମିଳେ। ରାଜସ୍ୱ, ଅବକାରୀ, ଖଣି, ଜଳସମ୍ପଦ, କୃଷି, ଶିଳ୍ପ, ଜଙ୍ଗଲ, ପୁଲିସ, ସ୍ୱାସ୍ଥ୍ୟ, ଶିକ୍ଷା, ଗୃହ ଓ ସଡ଼କ ନିର୍ମାଣ, ପରିବହନ ଏପରିକି ନ୍ୟାୟାଳୟ ସଂଲଗ୍ନ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଉକ୍‌ଚାଟ କାରବାରର ଅଭିଯୋଗ ଉଠିଥାଏ। ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ରଠାରୁ ଆରମ୍ଭ କରି ବିଦ୍ୟୁତ୍ ସଂଯୋଗ, ସରକାରୀ ଯୋଜନାର ସୁବିଧା, ବ୍ୟବସାୟିକ ଲାଇସେନ୍ସ ଏବଂ ବିଭିନ୍ନ ସରକାରୀ ଅନୁମତି ପାଇବା ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ସାଧାରଣ ଲୋକଙ୍କୁ ଏହି ଦୁର୍ନୀତିର ସାମ୍ନା କରିବାକୁ ପଡୁଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଆମେ ଏସବୁ ଜାଣୁ, ଦେଖୁ ଏବଂ ଅନୁଭବ କରୁ; ତଥାପି ନ ଜାଣିବାର ଅଭିନୟ କରୁ। ଏହା ଆମ ସାମାଜିକ ବ୍ୟବସ୍ଥାର ଏକ ବଡ଼ ବିଡ଼ମ୍ବନା। ସରକାରୀ ଚାକିରି ପାଇବା ପାଇଁ ଶିକ୍ଷିତ ଯୁବକଯୁବତୀମାନେ ଦିନରାତି ପରିଶ୍ରମ କରି ପ୍ରତିଯୋଗିତା କରୁଛନ୍ତି। ଅଥଚ ଚାକିରି ପାଇବା ପରେ କେତେକ କର୍ମଚାରୀଙ୍କ ମଧ୍ୟରେ ଭଲ ପୋଷ୍ଟିଂ, ଭଲ ସିଟ୍, ଭଲ ଡିଭିଜନ୍, ଭଲ ସର୍କଲ୍ ଏବଂ ଭଲ ଅଞ୍ଚଳରେ ଅବସ୍ଥାପିତ ହେବା ପାଇଁ ଅସ୍ୱାଭାବିକ ଆଗ୍ରହ ଦେଖାଯାଏ। ଏଥିପାଇଁ କଳ, ବଳ ଓ କୌଶଳର ପ୍ରୟୋଗ କରିବାକୁ ମଧ୍ୟ ପଛାନ୍ତି ନାହିଁ। କିନ୍ତୁ ଏହି 'ଭଲ' ଶବ୍ଦର ଅର୍ଥ କ'ଣ ? ଅନେକ କ୍ଷେତ୍ରରେ ଏହାର ଅର୍ଥ ହେଉଛି ଅଧିକ ଉପରି ବା ଅବୈଧ ଆୟର ସୁଯୋଗ ଥିବା ପଦବୀ ଓ ସ୍ଥାନ। ଯେଉଁଠାରେ ନିଜର କର୍ତ୍ତବ୍ୟ ତୁଳନାରେ ଅତିରିକ୍ତ ଆୟର ସମ୍ଭାବନା ଅଧିକ, ସେହି ସ୍ଥାନକୁ ଭଲ ପୋଷ୍ଟିଂ ବୋଲି ବିବେଚନା କରାଯାଉଛି। ଏହାଠାରୁ ବଡ଼ ନୈତିକ ଅବକ୍ଷୟ ଆଉ କ'ଣ ହୋଇପାରେ ? ପ୍ରଶ୍ନ ଉଠେ, ସରକାରୀ ଚାକିରିରୁ ମୋଟା ଅଙ୍କର ଦରମା ପାଉଥିବା ସତ୍ତ୍ୱେ ଆଉ ଅଧିକ ଅର୍ଥ ପାଇଁ ଏତେ ଲୋଭ କାହିଁକି ? ଏକ ସୁନ୍ଦର ଘର, ପରିବାରର ଆବଶ୍ୟକତା ପୂରଣ, ପିଲାମାନଙ୍କ ଶିକ୍ଷା ଓ ବିବାହ ପାଇଁ ଯଥେଷ୍ଟ ସଞ୍ଚୟ କରିବା ପରେ ମଧ୍ୟ ମଣିଷର ଲୋଭର ଅନ୍ତ କାହିଁକି ହୁଏ ନାହିଁ ? ଜଣେ ଦିନମଜୁରିଆ ଦିନକୁ ପାଞ୍ଚଶହରୁ ଆଠଶହ ଟଙ୍କା ରୋଜଗାର କରି ନିଜ ପରିବାରର ଭରଣପୋଷଣ କରୁଛି। ନିଜ ସାଧ୍ୟ ଅନୁଯାୟୀ ପିଲାଙ୍କୁ ପାଠ ପଢ଼ାଉଛି ଏବଂ ସ୍ୱଳ୍প ଆୟରେ ମଧ୍ୟ ଜୀବନ ବିତାଉଛି। ଅଥଚ ଉଚ୍ଚଶିକ୍ଷିତ ଓ ଉଚ୍ଚପଦସ୍ଥ ଅଧିକାରୀମାନେ ଦରମା ସହିତ ଅତିରିକ୍ତ ଅବୈଧ ଆୟ ପାଇଁ କାହିଁକି ଏତେ ବ୍ୟାକୁଳ ? ଗାଡ଼ି, ଡ୍ରାଇଭର, ଚାକରବାକର, ମାଳି, ବଙ୍ଗଳା, ଟଙ୍କା, ସୁନା, ରୂପା, ପ୍ଲଟ୍ ଓ ଅଟ୍ଟାଳିକାର ଶେଷ ଆବଶ୍ୟକତା କ'ଣ ? ମୃତ୍ୟୁ ପରେ ଏସବୁ ସମ୍ପତ୍ତି କ'ଣ କେହି ସାଙ୍ଗରେ ନେଇଯାଇପାରିବ ?

ଘୁଷଖୋରୀ କ'ଣ ଏକ ମାନସିକ ବ୍ୟାଧି ନା ଅନ୍ୟମାନଙ୍କଠାରୁ ଅଧିକ ଧନୀ ହେବାର ଅସୁସ୍ଥ ପ୍ରତିଯୋଗିତା ? ଏହି ପ୍ରସଙ୍ଗରେ ଜଣେ ଭଦ୍ରବ୍ୟକ୍ତିଙ୍କ ମତ ଥିଲା, 'ଯେହେତୁ ଘୁଷ ଦେଇ ଚାକିରି ପାଇଛି, ତେଣୁ ସେ ଘୁଷ ଖାଉଛି।' ମୁଁ ତାଙ୍କୁ ପ୍ରଶ୍ନ କଲି, 'ତେବେ ଯିଏ ଘୁଷ ନେଇ ଚାକିରି ଦେଇଛି, ସେ କ'ଣ ସରକାରୀ ଦରମା ପାଉନାହିଁ ? ନା ତାକୁ ମିଳୁଥିବା ଦରମା ଅଣ୍ଟୁନାହିଁ ?' ବାସ୍ତବରେ, ଏହି ପ୍ରଶ୍ନର ଉତ୍ତର ଖୋଜିବା ଆଜିର ସମାଜ ପାଇଁ ଅତ୍ୟନ୍ତ ଜରୁରୀ। ଆଜିକାଲି ପ୍ରାୟ ପ୍ରତିଦିନ ଖବରକାଗଜ, ବୈଦ୍ୟୁତିକ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଏଭଳି ଖବର ଦେଖିବାକୁ ମିଳୁଛି, 'ଭିଜିଲାନ୍ସ ଜାଲରେ ଅମୁକ ବିଭାଗର ଅଧିକାରୀ', 'ଉକ୍‌ଚାଟ ନେବାବେଳେ ଅଧିକାରୀ ଗିରଫ', 'ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅଧିକାରୀଙ୍କ ଘରେ ଚଢ଼ାଉ'। କେଉଁଠି ଲକ୍ଷ ଲକ୍ଷ ଟଙ୍କା ନଗଦ ଜବତ ହେଉଛି ତ କେଉଁଠି କୋଟି କୋଟି ଟଙ୍କାର ବ୍ୟାଙ୍କ ଜମା, ଅସଂଖ୍ୟ ପ୍ଲଟ୍ ଓ ଅଟ୍ଟାଳିକାର ସନ୍ଧାନ ମିଳୁଛି। ଏସବୁ ଘଟଣା ଆମ ସମାଜରେ ଦୁର୍ନୀତିର ଗଭୀରତାକୁ ପ୍ରତିଫଳିତ କରୁଛି। ତେବେ ଦୁର୍ନୀତି ଧରାପଡ଼ିବା ପରେ ଚର୍ଚ୍ଚା କରିବା ଯେତିକି ଜରୁରୀ, ଦୁର୍ନୀତି ଘଟିବା ପୂର୍ବରୁ ତାହାକୁ ରୋକିବା ତା'ଠାରୁ ଅଧିକ ଜରୁରୀ। ଏଠାରେ ଭିଜିଲାନ୍ସ ବିଭାଗକୁ ମଧ୍ୟ ଏକ ପ୍ରଶ୍ନ ପଚାରିବାକୁ ଇଚ୍ଛା ହୁଏ। ଯେଉଁ ଅଧିକାରୀଙ୍କ ଜୀବନଶୈଳୀ, ଆୟ ଓ ସମ୍ପତ୍ତି ମଧ୍ୟରେ ଆକାଶପାତାଳ ଫରକ ରହିଛି, ସେମାନଙ୍କ ଉପରେ ନିୟମିତ ନଜର ରଖିବାର ବ୍ୟବସ୍ଥା କାହିଁକି ଅଧିକ ସୁଦୃଢ଼ ହୋଇପାରୁନାହିଁ ? ଦୁର୍ନୀତି ଘଟିସାରିବା ପରେ ଚଢ଼ାଉ କରିବା ଅପେକ୍ଷା ଦୁର୍ନୀତିକୁ ଆରମ୍ଭରୁ ରୋକିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉ। ଶେଷରେ କହିବାକୁ ଗଲେ, ଘୁଷଖୋରୀ କେବଳ ଜଣେ ଅଧିକାରୀଙ୍କ ନୈତିକ ପତନ ନୁହେଁ; ଏହା ସମଗ୍ର ସମାଜର ଅଧୋଗତିର କାରଣ। ଘୁଷ ନେଉଥିବା ବ୍ୟକ୍ତି ଯେତିକି ଦୋଷୀ, ଘୁଷ ଦେଇ ଅନୈତିକ କାମ ହାସଲ କରୁଥିବା ବ୍ୟକ୍ତି ମଧ୍ୟ ସେତିକି ଦାୟୀ। ତେଣୁ ଏହାର ମୂଲ୍ୟାୟନ ପାଇଁ କେବଳ ଆଇନର କଡ଼ାକଡ଼ି ନୁହେଁ, ବରଂ ନୈତିକ ଶିକ୍ଷା, ସାମାଜିକ ସଚେତନତା, ପ୍ରଶାସନିକ ସ୍ୱଚ୍ଛତା ଓ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ମଧ୍ୟ ଆବଶ୍ୟକ। କାରଣ ଘୁଷ ଦେବା ଓ ନେବାର ମାନସିକତା ଯେପର୍ଯ୍ୟନ୍ତ ଆମ ସମାଜରୁ ଦୂର ହୋଇନାହିଁ, ସେପର୍ଯ୍ୟନ୍ତ ଦୁର୍ନୀତିମୁକ୍ତ ସମାଜ ଗଠନ କେବଳ ଏକ ସ୍ୱପ୍ନ ହୋଇ ରହିବ।

(ମତାମତ ଲେଖକଙ୍କ ନିଜସ୍ୱ)

ବକ୍ସି ବଜାର, କଟକ -୧, ମୋବାଇଲ : ୯୮୬୧୦୬୩୭୯୦

ଖ୍ରୀଷ୍ଟିଆନ ପଡ଼ିଆ: ଜନହିତର ଭୂମି ନା ଅସାମାଜିକ କାର୍ଯ୍ୟକଳାପର ଆଡ୍ଡା ?

ଦିନରେ ଜନସେବା, ରାତିରେ ନିଶାସେବନ ! ପ୍ରଶାସନର ଦୃଷ୍ଟି ପଡ଼ିବ କେବେ



ସଞ୍ଜିତ ସାମଲ

କଟକ (ଭିଓଭି) : ଐତିହାସିକ ସହର କଟକର ହୃଦୟସ୍ଥଳୀରେ ଅବସ୍ଥିତ ଖ୍ରୀଷ୍ଟିଆନ ପଡ଼ିଆ ଏକଦା ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ଏକ ପ୍ରମୁଖ ସ୍ଥଳ ଭାବେ ବ୍ୟବହୃତ ହୋଇଆସୁଛି। ବିଜୁ ପଟ୍ଟନାୟକ ଛକରୁ ଡିଅର ପାର୍କ ରାସ୍ତାରେ ଆନନ୍ଦ ଭବନ ସମ୍ମୁଖରେ, ଗଡ଼ଖାଇ କୂଳରେ ଥିବା ଏହି ବିସ୍ତୃତ ପଡ଼ିଆର ଉପଯୋଗିତା ଯେତିକି ରହିଛି, ଏହାର ସୁପରିଚାଳନା ନେଇ ପ୍ରଶ୍ନ ମଧ୍ୟ ସେତିକି ଉଠୁଛି। ଖ୍ରୀଷ୍ଟିଆନ ପଡ଼ିଆର ଇତିହାସ ଓ ଏହାର ନାମକରଣ ସମ୍ପର୍କରେ ପ୍ରାମାଣିକ ତଥ୍ୟ ସଂଗ୍ରହ କରିବା ଆବଶ୍ୟକ। ତେବେ ଦୀର୍ଘଦିନ ଧରି ଏହି ପଡ଼ିଆ ବିଭିନ୍ନ ସାମାଜିକ ଓ ସାର୍ବଜନୀନ କାର୍ଯ୍ୟକ୍ରମରେ ବ୍ୟବହୃତ ହୋଇଆସୁଛି। ନିଜସ୍ୱ ଖେଳପଡ଼ିଆ ନଥିବା ଆଖପାଖ ଅଞ୍ଚଳର ବିଦ୍ୟାଳୟଗୁଡ଼ିକ ଏଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ଆୟୋଜନ କରନ୍ତି। ବେଳେବେଳେ ଆଧ୍ୟାତ୍ମିକ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥାଏ। ନିକଟସ୍ଥ ସାରଳା ଭବନ କିମ୍ବା ଇଣ୍ଡୋର ଷ୍ଟାଡିୟମ୍ ?ରେ ବିଭିନ୍ନ ଉତ୍ସବ ଓ ସଭା ଆୟୋଜିତ ହେଲେ ଏହି ପଡ଼ିଆ ପାର୍କିଂ ସ୍ଥଳ ଭାବେ ବ୍ୟବହୃତ ହୁଏ। ବାଲିଯାତ୍ରା ସମୟରେ ମଧ୍ୟ ଜିଲ୍ଲା ପ୍ରଶାସନ ଏହାକୁ ସାଇକେଲ ଷ୍ଟାଣ୍ଡ ଭାବେ ବ୍ୟବହାର କରିଥାଏ। ଏସବୁ ଦୃଷ୍ଟିରୁ ପଡ଼ିଆଟି କଟକବାସୀଙ୍କ ପାଇଁ ଏକ ଉପଯୋଗୀ ସାର୍ବଜନୀନ ସମ୍ପଦ।

ସକାଳର ଜଳଖିଆ, ଦିନରେ ନିରବତା

ପ୍ରତିଦିନ ସକାଳେ କେତେକ ଉଠାଦୋକାନୀ ଏଠାରେ ଦହିବରା, ଆଳୁଦମ ଓ ବିଭିନ୍ନ ଜଳଖିଆ ବିକ୍ରି କରି ଜୀବିକା ନିର୍ବାହ କରନ୍ତି। ସାଧାରଣତଃ ଦିନ ସାଢ଼େ ଏଗାରଟା ସୁଦ୍ଧା ଏହି ବ୍ୟବସାୟ ଶେଷ ହୋଇଯାଏ। ତା'ପରେ ଦିନର ଅଧିକାଂଶ ସମୟ ପଡ଼ିଆଟି ପ୍ରାୟ ଖାଲି ପଡ଼ିରହେ। ସନ୍ଧ୍ୟା ହେଲେ ପୁଣି ଚିତ୍ର ବଦଳିଯାଏ। ଚାଟ୍ ?, ଗୁପ୍ ?ଚୁପ୍ ?, ଦହିବରା, ମୋମୋ, ପକୋଡ଼ା, ଚାଓମିନ୍ ?, ଚା', ପାଣି ଓ ଥଣ୍ଡା ପାନୀୟ ବିକ୍ରି କରୁଥିବା ଅସ୍ଥାୟୀ ଦୋକାନୀଙ୍କ ଭିଡ଼ ଜମେ। ଏହି ବ୍ୟବସାୟ ଅନେକଙ୍କୁ ଜୀବିକା ଯୋଗାଉଥିବା ବେଳେ, ଏଠାରେ ଆଲୋକ, ପରିମଳ ଓ ସୁରକ୍ଷା ବ୍ୟବସ୍ଥାର ଆବଶ୍ୟକତା ମଧ୍ୟ ରହିଛି।

ଅନ୍ଧାରର ସୁଯୋଗ ନେଉଛନ୍ତି କିଛି ଅସାମାଜିକ ତତ୍ତ୍ୱ

ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ସନ୍ଧ୍ୟା ପରେ ପଡ଼ିଆର କେତେକ ଅଞ୍ଚଳରେ ଦେଖାଦେଉଥିବା ଅବାଞ୍ଛିତ କାର୍ଯ୍ୟକଳାପ। ଅଭିଯୋଗ ଅନୁଯାୟୀ, କେତେକ ଯୁବକଯୁବତୀ ଦୁଇଚକିଆ ଓ ଚାରିଚକିଆ ଯାନରେ ବସି ନିଶାସେବନ କରୁଛନ୍ତି। ନିକଟସ୍ଥ ମଦ ଦୋକାନରୁ ମଦ କିଣି ଆଣି ପଡ଼ିଆରେ ପିଇବା ଘଟଣା ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଉଦ୍ ?ବେଗ ସୃଷ୍ଟି କରୁଛି। ସନ୍ଧ୍ୟାରୁ ରାତି ପ୍ରାୟ ସାଢ଼େ ଦଶଟା ପର୍ଯ୍ୟନ୍ତ ଏଠାରେ ଗହଳଚହଳ ଲାଗିରହୁଥିବା କୁହାଯାଉଛି। ଅନ୍ଧାରାଚ୍ଛନ୍ନ ପରିବେଶ ଏପରି କାର୍ଯ୍ୟକଳାପକୁ ସୁଯୋଗ ଦେଉଥିବା ଆଶଙ୍କା ରହିଛି। ଏଠାରୁ ଅଳ୍ପ ଦୂରରେ କ୍ୟାଣ୍ଟନମେଣ୍ଟ ଥାନା ଥିବା ସତ୍ତ୍ୱେ ଯଦି ଏପରି ଅଭିଯୋଗ ଉଠୁଛି, ତେବେ ପୋଲିସର ନିୟମିତ ପାଟ୍ରୋଲିଂ ଓ ନିରୀକ୍ଷଣ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରିବା ଆବଶ୍ୟକ। ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ଯାଞ୍ଚ କରିବା ସହ ଆଇନ ଅନୁଯାୟୀ ପଦକ୍ଷେପ ନେବା ମଧ୍ୟ ଜରୁରୀ।

ସମ୍ଭ୍ରାନ୍ତ ଅଞ୍ଚଳରେ ଏଭଳି ଅବ୍ୟବସ୍ଥା କାହିଁକି ?

କଟକର ଏକ ସମ୍ଭ୍ରାନ୍ତ ଅଞ୍ଚଳରେ ଅବସ୍ଥିତ ଏହି ପଡ଼ିଆ ନିକଟରେ ସୁନ୍ଦର ମଧୁ ଉଦ୍ୟାନ ରହିଛି। ଆଖପାଖରେ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ଅନୁଷ୍ଠାନ ଓ ଐତିହାସିକ ସ୍ଥାନ ଥିବାରୁ ଏହି ଅଞ୍ଚଳର ଗୁରୁତ୍ୱ ଅଧିକ। ଏପରି ଏକ ସ୍ଥାନରେ ଯଦି ଆଲୋକର ଅଭାବ, ଅନିୟନ୍ତ୍ରିତ ପାର୍କିଂ ଓ ନିଶାସେବନ ଭଳି ଅଭିଯୋଗ ଉଠେ, ତେବେ ତାହା କେବଳ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ନୁହେଁ, ସହରର ସୁନାମ ପାଇଁ ମଧ୍ୟ ଚିନ୍ତାର ବିଷୟ।ପଡ଼ିଆଟିର ଏକ ବଡ଼ ଅଂଶ ଦିନସାରା ଖାଲି ପଡ଼ିରହୁଥିବା ବେଳେ ସନ୍ଧ୍ୟା ପରେ ଏହାର ଉପଯୋଗ ଓ ସୁରକ୍ଷା ଉପରେ ଯଥେଷ୍ଟ ନିୟନ୍ତ୍ରଣ ରହୁଛି କି ନାହିଁ, ତାହାର ସମୀକ୍ଷା ହେବା ଆବଶ୍ୟକ।

ପ୍ରଶାସନ ନିଦରୁ ଉଠିବ କେବେ ?

ଖ୍ରୀଷ୍ଟିଆନ ପଡ଼ିଆର ଉନ୍ନତି ଓ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ, କଟକ ମହାନଗର ନିଗମ ଓ ପୋଲିସ ପ୍ରଶାସନର ସମନ୍ୱିତ ପଦକ୍ଷେପ ଆବଶ୍ୟକ। ଏଥିପାଇଁ କେତେକ ଜରୁରୀ ପଦକ୍ଷେପ ନିଆଯାଇପାରେ।



- ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା: ପଡ଼ିଆର ସମସ୍ତ ଅନ୍ଧାରିଆ ଅଞ୍ଚଳରେ ଉଚ୍ଚକ୍ଷମତାସମ୍ପନ୍ନ ଆଲୋକ ଲଗାଯାଉ।
- ନିୟମିତ ପୋଲିସ ପାଟ୍ରୋଲିଂ: ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ନିୟମିତ ପାଟ୍ରୋଲିଂ କରାଯାଉ ଏବଂ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ନିୟମାନୁସାରେ ପଦକ୍ଷେପ ନିଆଯାଉ।
- ସିସିଟିଭି ନିରୀକ୍ଷଣ: ଆବଶ୍ୟକ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇ ପଡ଼ିଆର ସୁରକ୍ଷା ସୁନିଶ୍ଚିତ କରାଯାଉ।
- ପଡ଼ିଆର ସୁପରିଚାଳନା: ଯାନବାହନ ପାର୍କିଂ, ଉଠାଦୋକାନ ଓ ସାଧାରଣ ଜନତାଙ୍କ ଚଳପ୍ରଚଳ ପାଇଁ ସ୍ପଷ୍ଟ ନିୟମ ନିର୍ଦ୍ଧାରଣ କରାଯାଉ।
- ଜନସଚେତନତା ଓ ଅଭିଯୋଗ ବ୍ୟବସ୍ଥା: ଅଞ୍ଚଳବାସୀଙ୍କ ଅଭିଯୋଗ ଶୁଣିବା ସହ ତୁରନ୍ତ ପଦକ୍ଷେପ ନେବା ପାଇଁ ଏକ ସ୍ପଷ୍ଟ ବ୍ୟବସ୍ଥା କରାଯାଉ।

ଖ୍ରୀଷ୍ଟିଆନ ପଡ଼ିଆ ଖାଲି ଏକ ଜମି ନୁହେଁ; ଏହା ଶିଶୁମାନଙ୍କ କ୍ରୀଡ଼ା, ସାମାଜିକ ସମାବେଶ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ଅନେକଙ୍କ ଜୀବିକା ସହ ଜଡ଼ିତ ଏକ ସାର୍ବଜନୀନ ସ୍ଥାନ। ଏହାର ସୁରକ୍ଷା ଓ ସୁପରିଚାଳନା କରିବା ପ୍ରଶାସନର ଦାୟିତ୍ୱ ହେବା ସହ ନାଗରିକଙ୍କ ସହଯୋଗ ମଧ୍ୟ ଜରୁରୀ। ସହରର ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଥିବା ଏହି ପଡ଼ିଆ ଯଦି ଯୋଜନାବଦ୍ଧ ଭାବେ ବିକଶିତ ହୁଏ, ତେବେ ଏହା କଟକବାସୀଙ୍କ ପାଇଁ ଆହୁରି ଉପଯୋଗୀ ହୋଇପାରିବ। କିନ୍ତୁ ଯଦି ଅନ୍ଧାର ଓ ଅବ୍ୟବସ୍ଥା ଏହାର ପରିଚୟ ହୋଇ ରହିଯାଏ, ତେବେ ଏକ ମୂଲ୍ୟବାନ ସାର୍ବଜନୀନ ସମ୍ପଦର ସଦୁପଯୋଗ ହୋଇପାରିବ ନାହିଁ। ଏବେ ପ୍ରଶ୍ନ ଉଠୁଛି, ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ଖ୍ରୀଷ୍ଟିଆନ ପଡ଼ିଆକୁ ଏକ ସୁରକ୍ଷିତ, ସ୍ୱଚ୍ଛ ଓ ଶୃଙ୍ଖଳିତ ସାର୍ବଜନୀନ ସ୍ଥାନରେ ପରିଣତ କେବେ କରିବ।

ମୋବାଇଲ: ୭୭୮୯୧୩୫୨୭



ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।

ସବିଶେଷ ଯୋଗାଯୋଗ :

ମୋବାଇଲ୍ :
୯୦୯୦୨୨୫୩୫୩

Email:
voiceofvictim2019@gmail.com
voiceofvictimsnews@gmail.com

Website :
https://voiceofvictims.co.in

E-Paper :
voiceofvictimsepaper.in

କାଳିମୁଣ୍ଡି ପୋକ ଉଜାଡ଼ିଲେ ବ୍ୟାପକ ବିରି ଫସଲ

କେନ୍ଦ୍ରାପଡ଼ା (ଭିଓଭି) : କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳର ମୁଖ୍ୟ ଅର୍ଥକରି ଫସଲ ଭାବରେ ରବି ଜାତୀୟ ଫସଲ ବିରି ଫସଲକୁ ବୁଝାଇଥାଏ । ଚଳିତବର୍ଷ ବାରମ୍ବାର ବନ୍ୟା ପରେ ବନ୍ୟା ଆସିବା ପରେ ଚାଷୀ ବିଭିନ୍ନ ଫସଲ ହରାଇ ସର୍ବସ୍ୱାନ୍ତ ହୋଇଥିଲେ । ତେବେ ଚାଷୀମାନେ ଅଣ୍ଟା ସଳଖି ଅକ୍ଟୋବର ପ୍ରଥମ ସପ୍ତାହରେ ପାରମ୍ପରିକ ବିରି ଚାଷ ଆରମ୍ଭ କରିଥିଲେ। ବିଭିନ୍ନ ଗାଁରେ ଉନ୍ନତମାନର ଭଲ ବିରି ଗଛ ଲଗା ଯାଇଥିଲା । ବିରି ଗଛ ଲାଗିବାର ଠିକ ୧ ସପ୍ତାହ ପରେ ବିରି ଫସଲର ମୁଖ୍ୟ ଶତ୍ରୁ କାଳିମୁଣ୍ଡି ପୋକର ଆକ୍ରମଣ ଆରମ୍ଭ ହୋଇଗଲା । ପ୍ରଥମେ ଏହି ପୋକ ପଡିଆ ବିଲ, ଦଣ୍ଡା ଗୋଚର, ଖେଳ ପଡିଆରେ ଆରମ୍ଭ ହୋଇ ସମୟକ୍ରମେ ବିରି କିଆରୀରେ ପହଂଚିଗଲା । ପଟ୍ଟାମୁଣ୍ଡାଇ ବ୍ଲକର ଅଣ୍ଟରା, ଅମୃତମଣୋହିଁ, ବଲୁରିଆ, ପେଣ୍ଡପାଳ, ସିଂହଗାଁ, ତରଡ଼ିପାଳ ଓ ଅଳପୁଆ ଆଦି ୭ଟି ପଞ୍ଚାୟତର ପ୍ରତ୍ୟେକ ଗାଁରେ ଥିବା ଶହ ଶହ ଏକର ଚାଷ ଜମିରେ ହୋଇଥିବା ବିରି ଫସଲ କାଳିମୁଣ୍ଡି ପୋକ ଆକ୍ରମଣରେ ବ୍ୟାପକ ବିରି ଫସଲ ନଷ୍ଟ ହୋଇଗଲା । ତେବେ କାଳିମୁଣ୍ଡି ପୋକ ଗାଁ ରାସ୍ତାରେ ବୁଲିବା ଭଳି ପରିସ୍ଥିତି ଦେଖିବାକୁ ମିଳିଲା। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କୃଷି ଅଧିକାରୀମାନେ ବିଭିନ୍ନ ଗାଁକୁ ଆସି ବିରି ଫସଲ ରକ୍ଷା ପାଇଁ କୀଟନାଶକ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ପ୍ରାଥମିକ ପର୍ଯ୍ୟାୟରେ କାଳିମୁଣ୍ଡି ପୋକ, ନାଉଡ଼ି ପୋକ ଓ ବୋଡାପୋକ ବହୁ ପରିମାଣରେ ସୃଷ୍ଟି ହୋଇଥିବାରୁ ଶହ ଶହ ଏକର ବିରି ଫସଲକୁ ଖାଇ ସଫା କରିଦେଲେ। କାଳିମୁଣ୍ଡି ପୋକ ଯୋଗୁଁ ଅଳପୁଆ, ତରଡିପାଳ, ସିଂହଗାଁ ପଞ୍ଚାୟତରେ ବିରି ଫସଲ ସମୂଳେ ନଷ୍ଟ ହୋଇଯାଇଛି । ଏଭଳି ପରିସ୍ଥିତିରେ ଅଣ୍ଟରା, କୃଷ୍ଣଦାସପୁର ଓ ଦାଣ୍ଡିସାହି ଗାଁର ବହୁ ଚାଷୀ ବ୍ୟତିବ୍ୟସ୍ତ ହୋଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କୁ ଭେଟି ଅବଗତ କରିଥିଲେ । ନିକଟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଦ୍ୱାରା ଆହୁତ ଉଚ୍ଚସ୍ତରୀୟ ବୈଠକରେ ବିଧାୟକ ଶ୍ରୀ ବେହେରା ଧୋୟାଞ୍ଚଳରେ କାଳିମୁଣ୍ଡି ପୋକ ଉପଦ୍ରବ ଯୋଗୁଁ ବ୍ୟାପକ ବିରି ଫସଲହାନି ଘଟିବା ଯୋଗୁଁ ଚାଷୀଙ୍କ ଦୁର୍ଦ୍ଦଶା ଓ ଏହାର ପ୍ରତିକାର ପାଇଁ ଦୃଢ ଦାବି ଉପସ୍ଥାପନ କରିଥିଲେ । ଶେଷରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ କେନ୍ଦ୍ରାପଡ଼ା ଅତିରିକ୍ତ କୃଷି ଅଧିକାରୀ ସନ୍ଧ୍ୟାରାଣୀ ଦାସ, ପଟ୍ଟାମୁଣ୍ଡାଇ ବ୍ଲକ କୃଷି ଅଧିକାରୀ ସୁଶ୍ରୀ ସରୋଜିନୀ, କେଭିକେ ବୈଜ୍ଞାନିକ ଗାୟତ୍ରୀ ସାହୁ ସାହୁ, ସହକାରୀ କୃଷି ଅଧିକାରୀ ସ୍ୱପ୍ନ ସୋନାଲି ମହାପାତ୍ର ଓ ପଙ୍କଜ ମଲ୍ଲିକ ଗୁରୁବାର କ୍ଷେତ୍ର ପରିଦର୍ଶନରେ ଆସି ଅଣ୍ଟରା ଭେଡା ପରିଦର୍ଶନ କରିଛନ୍ତି । ଚାଷୀମାନେ ଅତ୍ୟନ୍ତ ଦୁଃଖର ସହିତ ଅଧିକାରୀମାନଙ୍କୁ କାଳିମୁଣ୍ଡି ନଷ୍ଟ କରିଥିବା କିଆରି ସହିତ ପୋକ ଆକ୍ରମଣରୁ ବର୍ତ୍ତି ଯାଇଥିବା ବିରି ଫସଲ



କିଆରି ଅଧିକାରୀମାନଙ୍କୁ ଦେଖାଇଥିଲେ ଓ କୃଷି ବିଭାଗ ଅଧିକାରୀମାନେ ପର୍ଯ୍ୟାୟକ୍ରମେ ସବୁ ଗାଁକୁ ଯାଇ ଚାଷୀ ସମସ୍ୟା ଅନୁଧ୍ୟାନ କରିବାକୁ ପ୍ରତିଶୃତି ଦେବା ସହିତ କୀଟନାଶକ ପକାଇବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ସ୍ତରୀୟ କୃଷି ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ପେଣ୍ଡପାଳ ସୋସାଇଟି ସଭାପତି ଧନେଶ୍ୱର ପ୍ରଧାନ, ଅଣ୍ଟରା ସୋସାଇଟି ସଭାପତି ବୃନ୍ଦାବନ ମଲ୍ଲିକ, ସମବାୟବିତ୍ ଚିତ୍ତରଞ୍ଜନ ମଲ୍ଲିକ, ଅଗ୍ରଣୀ କୃଷକ ରଂଜିତ ମଲ୍ଲିକ,ଉଲ୍ଲାସ ମଲ୍ଲିକ ବିକ୍ରମ ମଲ୍ଲିକ ବିଶ୍ୱରଂଜନ ପରିଡା, ଏକାଦଶୀ ସେଠୀ , ନଣ୍ଡା ସେଠୀ ସିପୁ ମଲ୍ଲିକ, ବୁଦୁନା ମଲ୍ଲିକ ଓ କୃଷକସାଥୀ ଅଲେଖ ଚନ୍ଦ୍ର ମଲ୍ଲିକ ପ୍ରମୁଖ ବହୁ ଚାଷୀ ଉପସ୍ଥିତ ଥିଲେ।

ରେଢ଼ାଖୋଲ-ନାକଟିଦେଉଳ-ଛେଣ୍ଡିପଦା ରାସ୍ତା ପାଲଟିଛି ଗଞ୍ଜେଇ ଚାଲାଣ କରିଡର

ରେଢ଼ାଖୋଲ (ଭିଓଭି) : ଅଭିନବ ଢଙ୍ଗରେ ଚାଲିଥିଲା ଗଂଜେଇ ଚାଲାଣ । ଚୋରା ଚାଲାଣ ବେଳେ ମାଡି ବସିଲା ପୋଲିସ୍ । ରେଢ଼ାଖୋଲ ନାକଟିଦେଉଳ ଥାନା ଅନ୍ତର୍ଗତ ମୃଷାକାନି ଗାଁ ନିକଟସ୍ଥ ବଣବାହାଡା ନାଳ ନିକଟରୁ ଏକ ନମ୍ବର ବିହୀନ ଟ୍ରାକ୍ଟରରୁ ଜବତ ହୋଇଛି ବିପୁଳ ଗଂଜେଇ । ଟ୍ରାକ୍ଟର ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ନେଇ ନାକଟିଦେଉଳ ପୋଲିସ ଚଢ଼ାଉ କରି ଟ୍ରାକ୍ଟର ଟ୍ରଲି ତଳୁ ୮୩ କେଜି ଗଞ୍ଜାଇ ଜବତ କରିଥିବା ଜଣାପଡ଼ିଛି । ତେବେ ଏହି ଘଟଣାକୁ ନେଇ ଗଞ୍ଜେଇ ଚୋରା ଚାଲାଣର ମାର୍ଗ, ଏଥିରେ ସମ୍ପୃକ୍ତ ବ୍ୟକ୍ତି ଏବଂ ପୋଲିସର କାର୍ଯ୍ୟପ୍ରଣାଳୀକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଛି । ଚୋରା ଗଂଜେଇ ଜବତ ହୋଇଥିଲେ ହେଁ ଟ୍ରାକ୍ଟରରେ ଥିବା ବେପାରୀ ଖସି ଗଲେ କେମିତି ? ରଫାଦଫା ପାଇଁ ପେପାରୀଙ୍କୁ ଖସାଇ ଦିଆଯାଉଥିବା ନେଇ ସାଧାରଣରେ ଅଭିଯୋଗ ଉଠିଛି ।

ସୂଚନା ଅନୁଯାୟୀ ନାକଟିଦେଉଳ ଥାନା ଅନ୍ତର୍ଗତ ନାକଟିଦେଉଳ-ବାଟଗାଁ-ଛେଣ୍ଡିପଦା ରାସ୍ତା ମୃଷାକାନି ଗ୍ରାମ ନିକଟସ୍ଥ ବଣବାହାଡା ବଣବାହାଡା ନାଳ ଠାରେ ଏକ ନମ୍ବର ବିହୀନ ଟ୍ରାକ୍ଟରରୁ ଏହି ଗଞ୍ଜାଇ ଜବତ ହୋଇଛି । ବିଶେଷ ସୂତ୍ରରୁ ଖବର ପାଇ ନାକଟିଦେଉଳ ପୋଲିସ ଚଢ଼ାଉ କରିଥିଲା । ତେବେ ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏହି ଗଞ୍ଜେଇ କେଉଁଠାରୁ ଆସିଥିଲା ? ଏହା ପଛରେ କେଉଁମାନେ ରହିଛନ୍ତି ? ଗଞ୍ଜାଇ ଚୋରା ଚାଲାଣର ମୁଖ୍ୟ ବେପାରୀଙ୍କ ପାଖରେ ପୋଲିସ ପହଞ୍ଚିପାରିବ କି ? ନା କେବଳ ଗଞ୍ଜାଇ ଜବତ କରି ତଦନ୍ତକୁ ସୀମିତ ରଖାଯିବ ? ତାହା ଏବେ ପ୍ରଶ୍ନବାଚୀ । ଏହିଗଂଜେଇ ଶୁକ୍ରବାର ସକାଳୁ ଜବତ ହୋଇଥିଲା । ହେଲେ ଜବତ ପରେ ନାକଟିଦେଉଳ ପୁଲିସ୍ ସୂଚନା ଦେବାରେ ଅମଙ୍ଗ କାହିଁକି ବୋଲି ଅଭିଯୋଗ ହୋଇଛି ।

ତେବେ ତଦନ୍ତର ସ୍ୱାର୍ଥରେ ପୋଲିସ ସୂଚନା ଗୋପନ ରଖିଥିଲା କି ? ନା ଅନ୍ୟ କୌଣସି କାରଣ ରହିଛି ? ଏନେଇ ନାକଟିଦେଉଳ ପୋଲିସ ଅଧିକାରୀ ପ୍ରତିକ୍ରୀୟା ଦେଉନାହାଁନ୍ତି । ଏହି ରାସ୍ତାରେ ୧୫ ଦିନ ତଣେ ଏକ ଦୁର୍ଘଟଣାଗ୍ରସ୍ତ କାରରୁ ମିଳିଥିଲା ପୁଳା ପୁଳା ଗଂଜେଇ ପ୍ୟାକେଟ । ନାକଟିଦେଉଳ-ଛେଣ୍ଡିପଦା ମଝିରେ ଥିବା ରାସ୍ତାରେ ଯାଞ୍ଚ କେତେ କଡ଼ାକଡି ଯାଞ୍ଚ୍ ହେଉନଥିବାରୁ ବୌଦ୍ଧ ଅଞ୍ଚଳରୁ ଛେଣ୍ଡିପଦା ଅଞ୍ଚଳକୁ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ସାମ୍ନାକୁ ଆସିବା ପରେ ଏହି ଚାଲାଣ ମାର୍ଗକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ନାକଟିଦେଉଳ ଥାନା ଅଞ୍ଚଳ ଦେଇ ଏଭଳି ଚୋରା ଚାଲାଣ ହେଉଛି । ବାରମ୍ବାର ଏହି ରାସ୍ତାରେ ଗଞ୍ଜେଇ ଚୋରା ଚାଲାଣ ନେଇ ଅଭିଯୋଗ ଆସୁଥିବା ବେଳେ ଏହାକୁ ରୋକିବା ପାଇଁ ନାକଟିଦେଉଳ ପୋଲିସ୍ ପକ୍ଷରୁ ଗଠନ ମୂଳକ ପଦକ୍ଷେପ ନିଆଯାଉ ନଥିବାରୁ ଏହି ରାସ୍ତା ଏବେ ଗଞ୍ଜେଇ କାରବାରର କରିଡର ସାଜିଲାଣି ।

ଲାଲ୍ ଧୂଳି ପରେ ଏବେ କଳା ପାଉଁଶ ଆତଙ୍କ

କୋଇଡ଼ା (ଭିଓଭି) : ଦଶନ୍ଧି ଧରି ଲାଲ୍ ଧୂଳିରେ ଅଣନିଃଶ୍ୱାସୀ କୋଇଡ଼ା ଖଣି ଅଞ୍ଚଳକୁ ଏବେ ଘାରିଛି କଳା ପାଉଁଶ ଆତଙ୍କ । ଲୌହ ଓ ଇସ୍ପାତ କାରଖାନାରୁ ନିର୍ଗତ ପାଉଁଶର ବେଆଇନ ଫିଙ୍ଗାଫୋପଡ଼ା ଯୋଗୁଁ ରାସ୍ତାକଡ଼, ଚାଷଜମି, ନଦୀପଠା ଓ ଜଙ୍ଗଲ ଏବେ ପ୍ରଦୂଷଣର ଶିକାର ହେଉଥିବା ଅଭିଯୋଗ ଉଠିଛି । ରାତିଅଧିଆ ପାଉଁଶ ଆଣି ଖୋଲା ସ୍ଥାନରେ ଗଦା କରାଯାଉଥିବାରୁ ଅଞ୍ଚଳରେ କଳା ପାହାଡ଼ ସୃଷ୍ଟି ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଅଭିଯୋଗ ଅନୁଯାୟୀ, ବଡ଼ବିଲ୍ ସେକ୍ଟରରେ ପାଉଁଶ ନିଷ୍କାସନକୁ ନେଇ କଟକଣା ପରେ ଏବେ କୋଇଡ଼ା ଅଞ୍ଚଳରେ ଏହାର ପ୍ରଭାବ ଦେଖାଦେଉଛି । ପାଉଁଶ ପରିବହନକାରୀ ସଂସ୍ଥା ଓ ଠିକାଦାରମାନେ ନିର୍ଦ୍ଧାରିତ ସ୍ଥାନ ବଦଳରେ ମନଇଚ୍ଛା ରାସ୍ତାକଡ଼, ଧାନବିଲ, ନଦୀକୂଳ ଓ ଜଙ୍ଗଲରେ ପାଉଁଶ ଫିଙ୍ଗୁଥିବା ଅଭିଯୋଗ ହେଉଛି । ଫଳରେ ଚାଷଜମିର ଉର୍ବରତା, ଜଳସମ୍ପଦ ଓ ପରିବେଶ ଉପରେ ଏହାର କୁପ୍ରଭାବ ପଡ଼ିବା ଆଶଙ୍କା ବଢ଼ିଛି । କୋଇଲା ଜଳିବା ପରେ କାରଖାନାରୁ ବାହାରୁଥିବା ଉଡ଼ନ୍ତା ପାଉଁଶରେ ବିଭିନ୍ନ ରାସାୟନିକ ଉପାଦାନ ରହିଥାଏ। ତେଣୁ ଏହାର ପରିବହନ, ସଂରକ୍ଷଣ ଓ ବ୍ୟବହାର ପାଇଁ ନିର୍ଦ୍ଦିଷ୍ଟ ପରିବେଶଗତ ନିୟମ ରହିଛି ।

ଜନବସତି ଓ ଚାଷଜମିଠାରୁ ଦୂରରେ ଅନୁମୋଦିତ ସ୍ଥାନରେ ନିର୍ଦ୍ଧାରିତ ପଦ୍ଧତିରେ ଏହାକୁ ରଖିବା କଥା। ମାତ୍ର ନିୟମକୁ ଉଲ୍ଲଂଘନ କରି ଖୋଲା ସ୍ଥାନରେ ପାଉଁଶ ଗଦା କରାଯାଉଥିବା ଅଭିଯୋଗ ସ୍ଥାନୀୟ ପ୍ରଶାସନର ତଦାରଖ ବ୍ୟବସ୍ଥାକୁ ପ୍ରଶ୍ନ ଘେରକୁ ଆଣିଛି । ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର କୋଇଡ଼। ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଠୋସ୍ ପଦକ୍ଷେପ ନିଆଯାଇନଥିବା ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ବେଆଇନ ପାଉଁଶ ନିଷ୍କାସନ ପଛରେ କେଉଁ କମ୍ପାନି ଓ ପରିବହନ ସଂସ୍ଥାର ହାତ ରହିଛି, କେଉଁଠାରୁ ପାଉଁଶ ଆସୁଛି ଏବଂ କାହା ଅନୁମତିରେ ଏହା ଫିଙ୍ଗାଯାଉଛି, ତାହାର ତଦନ୍ତ ଦାବି ହୋଇଛି ।

ପରିବେଶ ବିଭାଗ ଓ ସ୍ଥାନୀୟ ପ୍ରଶାସନ କେବେ ଚଢ଼ଉ କରିବେ ଏବଂ ଦୋଷୀଙ୍କ ବିରୋଧରେ କେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ, ଏବେ ତାହାକୁ ଅପେକ୍ଷା କରିଛନ୍ତି କୋଇଡ଼ାବାସୀ ।

କଡ଼ା ଚେକିଂ : ଛାନିଆରେ ନିଶାଡ଼ି !

ପୁରୀ (ଭିଓଭି) : ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହଙ୍କ କଡ଼ା ନିର୍ଦ୍ଦେଶ କ୍ରମେ କାକଟପୁର ପୋଲିସ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ବ୍ୟାପକ ନାକାବନ୍ଦି ଓ ଯାଞ୍ଚ କରାଯାଇଛି । ଥାନା ଅଧିକାରୀ ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଅସ୍ତରଙ୍ଗ-ଭୁବନେଶ୍ୱର ମୁଖ୍ୟ ରାସ୍ତା ଏବଂ ଅସ୍ତରଙ୍ଗ-କୋଣାର୍କ ରାସ୍ତାର ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ଛକରେ ଏକା ସାଙ୍ଗରେ ଏହି ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ଦେଖି ଅମାନିଆ ଚାଳକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା ଏବଂ ବହୁ ଗାଡ଼ି ରାସ୍ତା ବଦଳାଇ ପଳାଇଥିଲେ ।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କାକଟପୁର ମେଡିକାଲ ଛକ, ବଲରା ଛକ, କାକଟପୁର ବ୍ଲକ ଛକ, ମୂଲାଗଡ଼ ଛକ ଓ କୁଣ୍ଢେଇ ଛକରେ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ କଡ଼ାକଡ଼ି ଚେକିଂ ଚାଲିଥିଲା । ପ୍ରତି ଛକରେ ପୋଲିସ ଟିମ୍ ଛିଡ଼ା ହୋଇ ଆସୁଥିବା ଯାଉଥିବା ସମସ୍ତ ଦୁଇ ଚକିଆ, ଚାରି ଚକିଆ, ଅଟୋ ଓ ପିକଅପ ଗାଡ଼ିକୁ ଅଟକାଇ ତନାଘନା କରିଥିଲେ । ରାସ୍ତାରେ ଯାଉଥିବା ଲୋକେ ମଧ୍ୟ ଏହି ଯାଞ୍ଚ ଦେଖି ଧନ୍ୟବାଦ ଦେଇଥିଲେ ଏବଂ ଫଟୋ ଉଠାଉଥିଲେ । ଯାଞ୍ଚ ବେଳେ ଗାଡ଼ିର କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ, ହେଲମେଟ, ସିଟ୍ ବେଲ୍ଟ, ପଲ୍ୟୁସନ ସାର୍ଟିଫିକେଟ ଓ ଇନସ୍ୟୁରାନ୍ସ ଯାଞ୍ଚ କରାଯାଇଥିଲା । ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା ନିଶା ସେବନ ଯାଞ୍ଚ ଉପରେ । ପ୍ରତି ଚାଳକଙ୍କୁ ବ୍ରେଥ ଆନାଲାଇଜର ମେସିନରେ ଫୁଙ୍କ ମାରି ପରୀକ୍ଷା କରାଯାଇଥିଲା । ମଦ ପିଇ ଗାଡ଼ି ଚଳାଉଥିବା ଚାଳକ ଓ ବିନା କାଗଜରେ ଦ୍ରୁତ ଗତିରେ ଯାଉଥିବା କିଛି ଅମାନିଆ ଚାଳକଙ୍କୁ ପୋଲିସ ସେହିଠାରୁ ସିଧା ଥାନାକୁ ନେଇ ଯାଇଥିଲା । ସେମାନଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁସାରେ ମାମଲା ରୁଜୁ କରାଯାଇ ଜୋରିମାନା ଆଦାୟ କରାଯାଇଛି ବୋଲି ପୋଲିସ କହିଛି । କିଛି ଗାଡ଼ି ମଧ୍ୟ ଜବତ କରାଯାଇଛି ଏବଂ ଲାଇସେନ୍ସ ବାତିଲ ପାଇଁ ସୁପାରିସ ହୋଇଛି । ଆଗକୁ ଦୀପାବଳି, କାଳୀପୂଜା, କାର୍ତ୍ତିକ ପୂର୍ଣ୍ଣିମା ପର୍ବ ରହିଛି । ଏହି ସମୟରେ ଚୋରି, ଲୁଟ୍ ଓ ଦୁର୍ଘଟଣା ବଢ଼େ । ତେଣୁ ଏସପି ସବୁ ଥାନାକୁ ନାଇଟ୍ ବ୍ଲକିଂ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅସ୍ତରଙ୍ଗ-କୋଣାର୍କ ରୁଟ ପର୍ଯ୍ୟଟନ ରୁଟ ହୋଇଥିବାରୁ ଏଠି ସ୍ୱତନ୍ତ୍ର ନଜର । ସ୍ଥାନୀୟ ଲୋକେ ଏହାକୁ ସ୍ୱାଗତ କରିଛନ୍ତି । ଥାନା ଅଧିକାରୀ କହିଛନ୍ତି, ଚେକିଂ ପ୍ରତିଦିନ ଜାରି ରହିବ ।

THE 1.5 DEGREE QUESTION: A NATIONAL CLIMATE DIALOGUE

Beyond Climate Awareness: Reimagining India's Future Through Science, Sustainability and Collective Action



Nihar Ranjan Acharya

Climate change is no longer a distant environmental concern confined to scientific reports or international conferences. It is an unfolding reality influencing our weather, agriculture, water resources, biodiversity, public health and economic security. From devastating heatwaves and unpredictable monsoons to floods, droughts and coastal erosion, its consequences are increasingly visible across India. Amid these challenges, one critical question demands our attention: What will it take to keep global warming within 1.5°C above pre-industrial levels?

The 1.5 Degree Question is not merely a scientific inquiry. It is a moral, economic, social and intergenerational question that challenges humanity to reconsider its relationship with nature and its understanding of development.

Understanding the Significance of 1.5°C

The 1.5°C threshold emerged as an important global climate goal under the Paris Agreement. It represents an effort to limit the rise in global average temperature and reduce the risks associated with a warming planet. Every fraction of a degree matters because additional warming intensifies many climate-related hazards, although the effects vary across regions and ecosystems.

It is important to understand that 1.5°C refers to long-term global warming relative to pre-industrial conditions, not the temperature experienced on a particular day or during an individual heatwave. A single year exceeding 1.5°C above the pre-industrial average does not, by itself, mean that the long-term temperature goal has permanently been crossed. Nevertheless, such years underline the urgency of reducing greenhouse gas emissions.

The science is clear: carbon dioxide, methane and other greenhouse gases trap heat in the Earth's climate system. Human activities, particularly fossil fuel combustion, deforestation, industrial processes and unsustainable land use, are the principal drivers of recent global warming. Addressing this challenge requires rapid emissions reductions alongside adaptation to climate impacts that are already occurring.


Why India Must Ask This Question

India faces a complex climate challenge. It must protect millions of people from increasing climate risks while pursuing economic growth, reducing poverty, creating employment and ensuring reliable energy access.

Rising temperatures threaten outdoor workers, farmers and vulnerable communities. Changes in rainfall patterns affect agriculture and water security. Coastal regions face risks from sea-level rise, erosion and stronger storm surges. Urban areas struggle with heat stress, flooding, pollution and pressure on essential infrastructure.

These challenges are interconnected. Climate change is not an isolated environmental problem; it influences health, livelihoods, education, infrastructure and social equity.

India's response must therefore combine climate mitigation with adaptation. Expanding renewable energy, improving energy efficiency, restoring forests and wetlands, promoting sustainable agriculture, strengthening public transport and designing climate-resilient cities can contribute to a more sustainable future.



Equally important is climate justice. Those who have contributed least to historical greenhouse gas emissions often possess the fewest resources to cope with climate disasters. Effective climate action must recognise different national circumstances, development needs and capacities.

From Awareness to Action

Climate awareness becomes meaningful when it influences decisions and behaviour. Scientific knowledge must move beyond conference halls and reach classrooms, communities, businesses and households.

Schools and colleges can encourage students to investigate local environmental problems, measure waste generation, understand energy consumption, protect biodiversity and develop practical sustainability projects. Young people should not be treated merely as recipients of climate information; they must be empowered as researchers, innovators, communicators and decision-makers.

However, individual responsibility must not replace institutional accountability. Citizens can conserve resources, reduce unnecessary consumption and adopt sustainable practices, but governments must establish effective policies, industries must reduce emissions, and financial institutions must support credible climate solutions.

The transition to a low-carbon economy also presents opportunities for green employment, scientific innovation, sustainable entrepreneurship and improved public health. Climate action should be understood not simply as a cost, but as an investment in resilience, human well-being and long-term prosperity.

A National Climate Dialogue

The 1.5 Degree Question: A National Climate Dialogue offers an opportunity to bring scientists, educators, policymakers, students, environmentalists and citizens together around a common purpose.

Such a dialogue must go beyond speeches and symbolic commitments. It should encourage evidence-based discussions, examine practical solutions, identify local vulnerabilities and inspire measurable action. Questions about renewable energy, sustainable lifestyles, biodiversity conservation, climate-resilient agriculture and responsible development deserve informed and inclusive debate.

India's diversity demands locally appropriate solutions, supported by scientific research and community participation. Climate action will be stronger when traditional ecological knowledge, modern technology and democratic decision-making work together.

The Question Is Ours to Answer

The 1.5 Degree Question ultimately asks what kind of planet we intend to leave for future generations. It challenges us to measure progress not only through economic growth, but also through ecological stability, public health, social justice and the quality of life.

The window for limiting warming to 1.5°C is rapidly narrowing, making deep, sustained and immediate emissions reductions essential. Every delay increases the challenge, while every credible action contributes to a safer future.

The future is not shaped by scientific warnings alone. It is shaped by the choices societies make in response to them.

Let the 1.5 Degree Question become a national movement—from scientific understanding to public dialogue, from public dialogue to policy, and from policy to meaningful action.

Because protecting the climate is not simply about saving the Earth. It is about protecting the conditions that make life, dignity and development possible.

Scientific Officer, Indian Climate Congress
Ph. 8249775817
E-Mail: nihar.acharya1973@gmail.com

ଇଭି ଚାର୍ଜିଂକୁ ନେଇ ଆପାର୍ଟମେଣ୍ଟରେ ଅଡୁଆ !

ମାଲିକଙ୍କ ଅଧିକାର ଆଗରେ ହାର ମାନିଲା ସୋସାଇଟିର କଟକଣା

ଭୁବନେଶ୍ୱରର ଉତ୍କଳ ରୟାଲ୍ ରେସିଡେନ୍ସି ମାମଲାରେ ବିଏମ୍ସିର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ :
ନିଜ ପାର୍କିଂରେ ଲାଗିପାରିବ ଇଭି ଚାର୍ଜିଂ ପଏଣ୍ଟ, କିନ୍ତୁ ସୁରକ୍ଷା ନିୟମ ମାନିବା ବାଧ୍ୟତାମୂଳକ

ଭୁବନେଶ୍ୱର (ଭିଓଭି) : ଇଲେକ୍ଟ୍ରିକ୍ ଯାନର ଯୁଗ ଆସିଲାଣି, ହେଲେ ଆପାର୍ଟମେଣ୍ଟରେ ନିଜ ଗାଡ଼ି ଚାର୍ଜ କରିବାକୁ ମିଳିବ ତ ଅନୁମତି ? ନିଜ ଟଙ୍କାରେ, ନିଜ ବିଦ୍ୟୁତ୍ ସଂଯୋଗରେ ନିଜ ପାର୍କିଂ ସ୍ଥାନରେ ଚାର୍ଜିଂ ପଏଣ୍ଟ ଲଗାଇବାକୁ ମଧ୍ୟ ଯଦି ବାଧା ଆସେ, ତେବେ ସ୍ୱଚ୍ଛ ଶକ୍ତିର ସ୍ୱପ୍ନ ସାକାର ହେବ କେମିତି ? ଭୁବନେଶ୍ୱରର ଉତ୍କଳ ରୟାଲ୍ ରେସିଡେନ୍ସିକୁ ନେଇ ସାମ୍ନାକୁ ଆସିଥିବା ଏକ ମାମଲା ଏବେ ଏହି ପ୍ରଶ୍ନକୁ ନୂଆ କରି ଚର୍ଚ୍ଚାକୁ ଆଣିଛି ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) କର୍ତ୍ତୃପକ୍ଷ-ତଥା-ଡେପୁଟି କମିଶନର (ଲିଗାଲ୍) ୧୪ ଅକ୍ଟୋବର ୨୦୨୬ରେ ଜାରି କରିଥିବା ଆଦେଶରେ ଉତ୍କଳ ରୟାଲ୍ ରେସିଡେନ୍ସିର ଫ୍ଲାଟ୍ ମାଲିକ ତନୟ କୁମାର ବେହେରାଙ୍କୁ ତାଙ୍କ ଆବଣ୍ଟିତ ବେସମେଣ୍ଟ ପାର୍କିଂ ସ୍ଥାନରେ ୩.୩ କିଲୋୱାଟ୍‌ର ଏସି ଇଭି ଚାର୍ଜିଂ ପଏଣ୍ଟ ସ୍ଥାପନ କରିବାକୁ ଅନୁମତି ଦେବା ପାଇଁ ରେସିଡେନ୍ସିର ରେସିଡେଣ୍ଟସ୍ ୱେଲଫେୟାର ଆସୋସିଏସନ୍‌କୁ ନିର୍ଦ୍ଦେଶ ଦିଆଯାଇଛି ।

ଆଦେଶରେ ଉଲ୍ଲେଖ ଅନୁଯାୟୀ, ତନୟ କୁମାର ବେହେରା ୨୦୧୫ରେ ଉକ୍ତ ଆପାର୍ଟମେଣ୍ଟର ବି-୫୪ ନମ୍ବର ଫ୍ଲାଟ୍ କିଣିଥିଲେ । ୨୦୨୪ରେ ଇଲେକ୍ଟ୍ରିକ୍ କାର୍ ଓ ସ୍କୁଟର କିଣିବା ପରେ ନିଜ ଆବଣ୍ଟିତ ବି-୧୨୨ ନମ୍ବର ବେସମେଣ୍ଟ ପାର୍କିଂରେ ଚାର୍ଜିଂ ପଏଣ୍ଟ ସ୍ଥାପନ ପାଇଁ ସେ ଆବେଦନ କରିଥିଲେ ।

ତେବେ ଆପାର୍ଟମେଣ୍ଟର ସାଧାରଣ ସଭା ୨୨ ଜୁନ୍ ୨୦୨୫ରେ ବେସମେଣ୍ଟ ପାର୍କିଂ ଅଞ୍ଚଳର ସୀମିତ ସ୍ଥାନକୁ ଦୃଷ୍ଟିରେ ରଖି ବ୍ୟକ୍ତିଗତ ଚାର୍ଜିଂ ପଏଣ୍ଟ ସ୍ଥାପନକୁ ଅନୁପଯୁକ୍ତ ବୋଲି ନିଷ୍ପତ୍ତି ନେଇଥିଲା । ଭବିଷ୍ୟତରେ ଅଧିକ ସୁରକ୍ଷିତ ବ୍ୟବସ୍ଥା ଉପଲବ୍ଧ ହେଲେ ଏହାକୁ ପୁନର୍ବିଚାର କରାଯିବ ବୋଲି କୁହାଯାଇଥିଲା ।

ଏହି ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୋଇ ଫ୍ଲାଟ୍ ମାଲିକ ବିଏମ୍ସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ । ମାମଲାର ବିଚାର ସମୟରେ ଆସୋସିଏସନ୍‌ର ପକ୍ଷ ଓ ଦସ୍ତାବିଜ୍‌ଗୁଡ଼ିକୁ ମଧ୍ୟ ବିଚାରକୁ ନିଆଯାଇଥିଲା ।

କର୍ତ୍ତୃପକ୍ଷଙ୍କ ଆଦେଶରେ କୁହାଯାଇଛି ଯେ, ଆପାର୍ଟମେଣ୍ଟର ସାମୂହିକ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତାହା ଆଇନସମ୍ମତ, ଯୁକ୍ତିଯୁକ୍ତ ଓ ସମସ୍ତ ଫ୍ଲାଟ୍ ମାଲିକଙ୍କ ହିତରେ ହେବା ଆବଶ୍ୟକ । ନିଜ ଆବଣ୍ଟିତ ପାର୍କିଂ ସ୍ଥାନର ବୈଧ ବ୍ୟବହାର ଉପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କଟକଣା ଲଗାଇବାକୁ ଆଇନର ଆଧାର ଦରକାର ।

ଚାର୍ଜିଂ ପଏଣ୍ଟ ଯୋଗୁଁ ଅଗ୍ନିକାଣ୍ଡ, ଟ୍ରାନ୍ସଫର୍ମର ଉପରେ ଅତିରିକ୍ତ ଚାପ କିମ୍ବା ବେସମେଣ୍ଟର ସୁରକ୍ଷା ବିପନ୍ନ ହେବା ଭଳି ଆଶଙ୍କା ଉଠାଯାଇଥିଲେ ମଧ୍ୟ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ବୈଷୟିକ ପ୍ରମାଣ ଦାଖଲ କରାଯାଇନଥିବା ଆଦେଶରେ ଦର୍ଶାଯାଇଛି ।

ତେବେ ଏହାର ଅର୍ଥ ନୁହେଁ ଯେ, ଫ୍ଲାଟ୍ ମାଲିକ ନିଜ ଇଚ୍ଛାରେ ଚାର୍ଜର ଲଗାଇପାରିବେ । ଅଗ୍ନିଶମ ସଂସ୍ଥାର ରିପୋର୍ଟ ବିଲ୍ଡିଂରେ ଥିବା ଅଗ୍ନିନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ଦେଇଥିଲେ ମଧ୍ୟ ଏହା ଇଭି ଚାର୍ଜର ସ୍ଥାପନର ସୁରକ୍ଷାକୁ ପୃଥକ୍ ଭାବେ ପ୍ରମାଣିତ କରୁନାହିଁ ବୋଲି କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି । ତେଣୁ ଚାର୍ଜର ସ୍ଥାପନ ପୂର୍ବରୁ ଉପଯୁକ୍ତ ବୈଦ୍ୟୁତିକ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଜରୁରୀ ।


ବିଏମ୍ ?ସିର ଆଦେଶ ଅନୁଯାୟୀ ତନୟ କୁମାର ବେହେରାଙ୍କୁ ତାଙ୍କ ଆବଣ୍ଟିତ ବି-୧୨୨ ନମ୍ବର ପାର୍କିଂରେ ୩.୩ କିଲୋୱାଟ୍‌ର ଗୋଟିଏ ଏସି ଇଭି ଚାର୍ଜିଂ ପଏଣ୍ଟ ସ୍ଥାପନ କରିବାକୁ ଅନୁମତି ଦେବାକୁ ପଡ଼ିବ । ଚାର୍ଜର ପାଇଁ ନିଜସ୍ୱ ବିଦ୍ୟୁତ୍ ସଂଯୋଗ ବ୍ୟବହାର କରାଯିବ ଏବଂ ସମସ୍ତ ଖର୍ଚ୍ଚ ଅଭିଯୋଗକାରୀ ବହନ କରିବେ ।

ସ୍ଥାପନ କାର୍ଯ୍ୟ ଲାଇସେନ୍ସପ୍ରାପ୍ତ ବୈଦ୍ୟୁତିକ ଠିକାଦାର କିମ୍ବା ଅଧିକୃତ ସଂସ୍ଥା ଦ୍ୱାରା ପ୍ରଯୁଜ୍ୟ ବୈଦ୍ୟୁତିକ ସୁରକ୍ଷା ମାନଦଣ୍ଡ ଓ ନିର୍ଦ୍ଧାରିତ ସତର୍କତା ଅନୁଯାୟୀ କରାଯିବ ।

ଆଦେଶ ପାଳନ ସମ୍ପର୍କିତ ରିପୋର୍ଟ ୩୦ ଦିନ ମଧ୍ୟରେ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବାକୁ ପଡ଼ିବ ।

ବିଏମ୍ସିର ଏହି ଆଦେଶ ଅନ୍ୟ ଆପାର୍ଟମେଣ୍ଟ ପାଇଁ ମଧ୍ୟ ଏକ ବଡ଼ ବାର୍ତ୍ତା ବୋଲି ଧରାଯାଉଛି ।

ଏହି ମାମଲା କେବଳ ଜଣେ ଫ୍ଲାଟ୍ ମାଲିକଙ୍କ ଚାର୍ଜିଂ



Bhubaneswar Municipal Corporation

No 63271 Date 14.10.2026

To

1. The General Secretary,
Utkal Royal Residency Residents Welfare Association (URRRWA),
Utkal Royal Residency, Gautam Nagar
Kalpana Square, Bhubaneswar - 751006

2. Sri Tanaya Kumar Behera
Flat No. B-54, Utkal Royal Residency,
Kalpana Square, Bhubaneswar - 751006, Odisha.

Sub: Communication of order dated 14.10.2026 passed in the complaint under Section 23(2)(a) of the Odisha Apartment (Ownership and Management) Act, 2023.

With reference to the subject cited above, I am enclosing herewith a copy of the order passed by the Competent Authority-cum-Deputy Commissioner (Legal), Bhubaneswar Municipal Corporation, in the complaint filed by Sri Tanaya Kumar Behera regarding installation of an EV charging point at his allotted basement parking space B-122 of Utkal Royal Residency, for your information and necessary action.

Encl.: Copy of the order.

Yours faithfully

Competent Authority-cum-
Deputy Commissioner (Legal)
Bhubaneswar Municipal Corporation

ପଏଣ୍ଟକୁ ନେଇ ନୁହେଁ; ବରଂ ଭବିଷ୍ୟତରେ ଇଭି ବ୍ୟବହାର ବଢ଼ିବା ସହ ଆପାର୍ଟମେଣ୍ଟଗୁଡ଼ିକରେ ସୃଷ୍ଟି ହେବାକୁ ଥିବା ଏକ ବଡ଼ ସମସ୍ୟାର ସଙ୍କେତ ଦେଉଛି ।

ଗୋଟିଏ ପଟେ ଇଲେକ୍ଟ୍ରିକ୍ ଯାନ ପରିବେଶ ଅନୁକୂଳ ଯାତାୟାତର ବିକଳ୍ପ ଭାବେ ଉଭା ହେଉଛି, ଅନ୍ୟପଟେ ଆବାସିକ କୋଠାରେ ଚାର୍ଜିଂ ବ୍ୟବସ୍ଥା, ବିଦ୍ୟୁତ୍ ଭାର ଓ ଅଗ୍ନିନିରାପତ୍ତାକୁ ନେଇ ସ୍ପଷ୍ଟ ନୀତିର ଆବଶ୍ୟକତା ବଢୁଛି ।

ସାଧାରଣ ଲୋକଙ୍କ ପାଇଁ ବାର୍ତ୍ତା ହେଉଛି ଆପାର୍ଟମେଣ୍ଟ ଆସୋସିଏସନ୍‌ଗୁଡ଼ିକ ସୁରକ୍ଷାର ଆଳ ଦେଖାଇ ଯୁକ୍ତିଯୁକ୍ତ ଅନୁରୋଧକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକାଇବା ଉଚିତ୍ ନୁହେଁ । ସେହିପରି ଇଭି ମାଲିକମାନେ ମଧ୍ୟ ଆବଶ୍ୟକ ଅନୁମତି, ବୈଷୟିକ ଯାଞ୍ଚ ଓ ସୁରକ୍ଷା ମାନଦଣ୍ଡ ପାଳନ ନକରି ଚାର୍ଜର ସ୍ଥାପନ କରିବା ଉଚିତ୍ ନୁହେଁ ।

ତହସିଲଦାର ପ୍ରିୟଙ୍କାଙ୍କ ସାହସିକତାକୁ ନେଇ ଚାରିଆଡ଼େ ଚର୍ଚ୍ଚା

କାକଟପୁର/ଅଷ୍ଟରଙ୍ଗ (ଭିଓଭି) : ଯେଉଁ କାମ ପୋଲିସ ଓ ଅବକାରୀ ବିଭାଗ ବର୍ଷ ବର୍ଷ ଧରି କରିପାରିଲେ ନାହିଁ, ତାହା କରି ଦେଖାଇଲେ ଅଷ୍ଟରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି । ସତରେ ସେ ଅଷ୍ଟରଙ୍ଗ ପାଇଁ ଜଣେ ନାରୀ ରତ୍ନ । ତାଙ୍କ ଅଚାନକ ଆକ୍ସନକୁ ଏବେ ସାରା ଅଷ୍ଟରଙ୍ଗରେ ପ୍ରଶଂସା କରାଯାଉଛି । ମହିଳା ମହଲରେ ସେ ଏବେ ଚର୍ଚ୍ଚାର ବିଷୟ । ଖବର ମୁତାବକ ଗୁରୁବାର ମଧ୍ୟାହ୍ନରେ ତହସିଲଦାର ପୁରୀ ଜିଲ୍ଲା ଅଷ୍ଟରଙ୍ଗରୁ ଝାଡଲିଙ୍ଗ ପଞ୍ଚାୟତକୁ ଏକ ଜମି ତଦନ୍ତରେ ଯାଉଥିଲେ । ଏହି ସମୟରେ ନୂଆଗଡ ସାମୁଦ୍ରିକ ଥାନା ଅଧୀନ ବାହୁଡିହ ଛକ ନିକଟରେ ଥିବା ଡମଶୁଣ ଛକର ଏକ କ୍ୟାବିନରେ ଦିନ ଦ୍ୱିପହରରେ ଖୁଲମଖୁଲା ଚୋରା ମଦ ବିକ୍ରି ହେଉଥିବା ଦେଖି ସେ



ନିଜ ସରକାରୀ ଗାଡିକୁ ଅଟକାଇଲେ । ଦୀର୍ଘ ଦିନ ଧରି ସ୍ଥାନୀୟ ମହିଳାମାନେ ଥାନାରୁ ତହସିଲ ଯାଏଁ ଏହି ଚୋରାମଦ ଭାଟି ବିରୋଧରେ ଅଭିଯୋଗ କରି ନୟାନ୍ତ ହୋଇଥିଲେ, କିନ୍ତୁ କେହି ଶୁଣି ନଥିଲେ । ଚର୍ଚ୍ଚା ହେଉଛି ପୋଲିସ ଓ ଅବକାରୀ ବିଭାଗ ହାତଗୁଞ୍ଜା ନେଇ ଚୁପ୍ ରହିଥିଲା ।

ତହସିଲଦାର ତୁରନ୍ତ ନୂଆଗଡ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କୁ ଖବର ଦେଇ ମିଳିତ ଯାଞ୍ଚ ନିର୍ଦ୍ଦେଶ ଦେଲେ । ପୋଲିସ କ୍ୟାବିନ ଯାଞ୍ଚ କରି ୩୦ ପିସ୍ ଦେଶୀ-ବିଦେଶୀ ମଦ ଜବତ କଲା । ଥାନା କେଶ ନଂ ୩୯/୨୬ରେ ମଦ ବ୍ୟବସାୟୀ ନରେନ୍ଦ୍ର ବିଶ୍ୱାଳ ବିରୋଧରେ ମାମଲା ରୁଜୁ ହେଲା । ସ୍ଥାନୀୟ ଲୋକଙ୍କ ଅଭିଯୋଗ - ଏଠି ଦିନ ରାତି ବାଇକରେ ମଦ ଆସେ, ଘରେ ଷ୍ଟକ ରହେ, କ୍ୟାବିନରେ ସ୍ୱଚ୍ଛ ବିକ୍ରି ହୁଏ । ପୁରୀ ଜିଲ୍ଲା ଅଷ୍ଟରଙ୍ଗ ବ୍ଲକର ୧୫ଟି ପଞ୍ଚାୟତ ଏବେ ମାଫିଆଙ୍କ ଅଭୟାରଣ୍ୟ ପାଲଟିଛି । ଅଷ୍ଟରଙ୍ଗ, କାକଟପୁର, ନୂଆଗଡ ଏହି ୩ଟି ଥାନା ଅଧୀନରେ ମଦ ପ୍ରାଦୁର୍ଭାବ ବଢୁଛି । ଏହା ପଛରେ ବଡ ସିଣ୍ଡିକେଟ ଓ ଲାଇସେନ୍ସ ଦୋକାନର ଭିତିରି ଖେଳ ଅଛି ବୋଲି ଚର୍ଚ୍ଚା । ଟାର୍ଗେଟ ପୂରଣ ନାଁରେ ଅଧିକ ମଦ ଉଠାଇ ଗାଁକୁ ପଛ ଦୁଆରେ ୫୦ ଟଙ୍କା ଅଧିକରେ ବିକ୍ରି ହେଉଛି । ଆଗକୁ ଦୀପାବଳି, କାଳୀପୂଜା ପାର୍ବଣ, ବାଇକ-ସ୍କୁଟିରେ କାର୍ଟୁନ କାର୍ଟୁନ ମଦ ଚାଲାଣ ହେଉଛି । ଶିଶୁଅ, କୋରଣା, ନୂଆଗଡ ଆଦି ଅଞ୍ଚଳରେ ପାନ-ଚା ଦୋକାନରେ ବିକ୍ରି ଯୋଗୁଁ ଯୁବପିଢି ବରବାଦ ହେଉଛନ୍ତି ।

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

Editor: Gyana Ranjan Mishra

ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର